## ସଂକ୍ଷେପରେ

### ରୁକୁଣା ରଥଯାତ୍ରା ପାଇଁ ମୁତୟନ ହେବେ ୩୭ ସେକ୍ସନ ଫୋର୍ସ

ପୁରୁଣା ଭୁବନେଶ୍ୱର, ୩୧।୩(ସୁବାସ ଚନ୍ଦ୍ର ପ୍ରଧାନ): ଆସନ୍ତା ୫ ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ବଟକୃଷ୍ଣ ମହାରଣାଙ୍କ ନେତୃତ୍ୱରେ ରଥ ନିର୍ମାଣ ହେଉଛି। ଅନ୍ୟପଟେ ରଥଯାତ୍ରାରେ ଶାନ୍ତିଶୃଙ୍ଖଳା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାକୁ ନେଇ କମିଶନରେଟ ପୋଲିସ ପକ୍ଷରୁ ସୋମବାର ଲିଙ୍ଗରାଜ ଥାନା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୋନ୍-୨ ଏସିପି କୃଷ୍ଣଚନ୍ଦ୍ର ପଲେଇ ଅଧ୍ୟକ୍ଷତା କରିଥିଲେ। ରଥଯାତ୍ରା ପରିଚାଳନା କରିବାକୁ ୩୭ ସେକ୍ସନ ପୋଲିସ ଫୋର୍ସ ମୁତୟନ ହେବେ। ୫୭ଜଣ ଏସ୍ଆଇ, ୨୧ଜଣ ଆଇଆଇସି, ୬ଜଣ ଏସିପି, ୨ଜଣ ଅତିରିକ୍ତ ଡିସିପିଙ୍କ ସହ ଭୁବନେଶ୍ୱର ଡିସିପି ପରିଚାଳନା ଦାୟିତ୍ୱରେ ରହିଛନ୍ତି। ଅନ୍ୟପଟେ ରଥ ଗଡ଼ିବା ସମୟରେ ରଥ କର୍ଡନ ଭିତରକୁ ସେବାୟତଙ୍କୁ ଯିବାକୁ ବାରଣ କରାଯାଇଛି। ବିଭିନ୍ନପଟୁ ରଥରୋଡ୍‌କୁ ଆସୁଥିବା ଭାରିଯାନ ଏବଂ ୪ଚକିଆ ଯାନ ପ୍ରବେଶ କରିବା ଉପରେ ରୋକ୍ ଲଗାଯାଇଛି। ବିବେକାନନ୍ଦ ମାର୍ଗ, ମାଉସୀ ମା' ଛକ ରାସ୍ତାପଟୁ ଆସୁଥିବା ଯାନବାହନକୁ ଡାଇଭର୍ଟ କରାଯିବା ସହ ପାର୍କିଂର ବ୍ୟବସ୍ଥା ମଧ୍ୟ କରାଯାଇଛି। ବୈଠକରେ ଲିଙ୍ଗରାଜ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସେବାୟତ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

### ପଣ୍ଡିତ ନୀଳକଣ୍ଠ ଦାସଙ୍କ ଦର୍ଶନ ଉପରେ ଆଲୋଚନା

ଭୁବନେଶ୍ୱର,୩୧।୩(ସୁଚିସ୍ମିତା ସାହୁ): ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଦର୍ଶନ ସମ୍ପର୍କରେ ଏକ ଶୈକ୍ଷିକ ତଥା ବୌଦ୍ଧିକ ଜାତୀୟ କର୍ମଶାଳା ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ନୀଳକଣ୍ଠ ଦାସ ସ୍ମୃତି ସମିତିର ସାଧାରଣ ସମ୍ପାଦକ ଡ. ପୂର୍ଣ୍ଣେନ୍ଦୁ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଦର୍ଶନ ବିଭାଗର ପୂର୍ବତନ ପ୍ରଫେସର ପ୍ରଫୁଲ୍ଲ କୁମାର ମହାପାତ୍ର ଏବଂ ପ୍ରଫେସର ଗଣେଶ ପ୍ରସାଦ ଦାସ ଯୋଗଦେଇ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୀବନୀ ଓ ଦର୍ଶନର ଉପାଦେୟତା ସମ୍ପର୍କରେ କହିଥିଲେ। ଦର୍ଶନ ବିଭାଗର ମୁଖ୍ୟ ଡ. ନନ୍ଦିନୀ ମିଶ୍ର ସ୍ୱାଗତ ଭାଷଣ ଓ ସହଯୋଗୀ ପ୍ରଫେସର ସରୋଜ କାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ।

### ଗିରଫଦାରି ସଂଖ୍ୟା ୩ରେ ପହଞ୍ଚିଲା

#### କଂଗ୍ରେସର ବିକ୍ଷୋଭବେଳେ ହିଂସା ଘଟଣା

ଭୁବନେଶ୍ୱର,୩୧।୩(ସତ୍ୟଜିତ୍ ରାଉତ): ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବିକ୍ଷୋଭ ସମାବେଶ ଓ ବିଧାନସଭା ଘେରାଉ ବେଳେ ହିଂସା ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀ ବିହାର ପ୍ଲଟ୍ ନଂ.୧୮୫ରେ ରହୁଥିବା ପ୍ରତୀକ ଦାଶ (୨୦)। ମାମଲା ନଂ.୧୩୦/୨୦୨୫ରେ ଅଭିଯୁକ୍ତ ପ୍ରତୀକଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରତୀକଙ୍କ ନାମରେ କ୍ୟାପିଟାଲ ଥାନାରେ ପୂର୍ବରୁ ଗୋଟିଏ ମାମଲା ରହିଛି। ଏହି ମାମଲାରେ ଗିରଫଦାରି ସଂଖ୍ୟା ୩ରେ ପହଞ୍ଚିଛି।

### ଇଦ୍ ପର୍ବ ପାଳନ ବେଳେ ଚୋରି, ୨ ମହିଳା ଗିରଫ

ଭୁବନେଶ୍ୱର, ୩୧।୩(ସୂର୍ଯ୍ୟକାନ୍ତ ବେହେରା): ଇଦ୍ ପର୍ବ ପାଳନ ବେଳେ ଗହଳିର ସୁଯୋଗ ନେଇ ଲୋକଙ୍କ ପକେଟ୍‌ରୁ ମୋବାଇଲ ଚୋରି କରୁଥିବା ୨ ମହିଳା ଗ୍ୟାଙ୍ଗ୍‌କୁ କ୍ୟାପିଟାଲ ପୋଲିସ ଗିରଫ କରିଛି। ଅଭିଯୁକ୍ତାଦ୍ୱୟ ହେଲେ ପଶ୍ଚିମବଙ୍ଗର ଦ୍ରୌପଦୀ ସିଂ(୧୯) ଓ ପୂଜା ସିଂ(୨୦)। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୫ଟି ମୋବାଇଲ ଫୋନ ଜବତ ହୋଇଛି। ତେବେ ଟ୍ରେନ୍ ଯୋଗେ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଭୁବନେଶ୍ୱର ରେଳଷ୍ଟେଶନରୁ ଉଭୟଙ୍କୁ କାବୁ କରିଥିଲା। କ୍ୟାପିଟାଲ ଥାନାରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ହସ୍ତଶିଳ୍ପ, ହସ୍ତତନ୍ତର ସମୃଦ୍ଧି ସମସ୍ତଙ୍କ ଦାୟିତ୍ୱ : ରାଜ୍ୟପାଳ

## ୧୯ତମ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଉଦ୍‌ଯାପିତ

ଭୁବନେଶ୍ୱର, ୩୧।୩ (ବନ୍ଦନା ସେଠୀ)



ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ଅନ୍ୟ ଅତିଥିମାନେ।

ହସ୍ତଶିଳ୍ପ ଓ ହସ୍ତତନ୍ତର ସୁରକ୍ଷା ଏବଂ ସମୃଦ୍ଧି ଆମ ସମସ୍ତଙ୍କର ଦାୟିତ୍ୱ। ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ଆମ ଦେଶର ଅତୁଳନୀୟ କଳାତ୍ମକ ଐତିହ୍ୟର ପ୍ରମାଣ, ଯାହା ଶତାବ୍ଦୀ ଶତାବ୍ଦୀର ପରମ୍ପରା, କୌଶଳ ଏବଂ ସାଂସ୍କୃତିକ ବିବିଧତାକୁ ପ୍ରତିଫଳିତ କରିଥାଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍ତି। ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜନତା ମଇଦାନଠାରେ ଚାଲିଥିବା ୧୯ତମ ଜାତୀୟ ହସ୍ତଶିଳ୍ପ ମେଳାର ସୋମବାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ଭାରତର ବିଭିନ୍ନ ଅଞ୍ଚଳର ନିଜସ୍ୱ ସ୍ୱତନ୍ତ୍ର କାରିଗରି ରହିଛି। ଏହି କାରିଗରି କେବଳ ଉତ୍ପାଦ ନୁହେଁ, ଏଗୁଡ଼ିକ ଇତିହାସ, ଭକ୍ତି ଏବଂ ମୌଳିକତା ସହିତ ଜଡିତ। ତୋଷାଳୀ ମେଳା ଏହି ପରମ୍ପରା, ନବସୃଜନ ଏବଂ କାରିଗରିର ମଞ୍ଚ ପାଲଟିଛି। ଦେଶର ସମୃଦ୍ଧ ହସ୍ତଶିଳ୍ପ ଐତିହ୍ୟର ସର୍ବୋତ୍ତମ ଗରିମା ପ୍ରଦର୍ଶନ ପାଇଁ ୨୧ଟିରାଜ୍ୟର କାରିଗର ଓ ବୁଣାକାର ଏକତ୍ରିତ ହେବା ଖୁସି ଓ ଗର୍ବର କଥା। ଏହି ମେଳା ଆମ କାରିଗରମାନଙ୍କୁ ସେମାନଙ୍କ ଦକ୍ଷତା ଓ କୌଶଳ ପ୍ରଦର୍ଶନ ପାଇଁ ସୁଯୋଗ ପ୍ରଦାନ କରିବା ସହ ପାରସ୍ପରିକ ଭାବ ବିନିମୟ, ଜ୍ଞାନ ଆଦାନ ପ୍ରଦାନ ତଥା ବଜାର ସୃଷ୍ଟି କରିବାର ଅବସର ଆଣିଛି ବୋଲି ସେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ସମବାୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଲେ, ହସ୍ତଶିଳ୍ପ ଓ ହସ୍ତତନ୍ତ ଆମ ସଂସ୍କୃତିର ବାର୍ତ୍ତାବହ, ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ। ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ତୋଷାଳୀ ମେଳା ଓ ରାଜ୍ୟର ହସ୍ତତନ୍ତ, ହସ୍ତଶିଳ୍ପକୁ ନେଇ ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନା ସମ୍ପର୍କରେ କହିଥିଲେ।



ଓଡ଼ିଶା ଦିବସ ଉପଲକ୍ଷେ ସୋମବାର ବିଜେବି କଲେଜ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ କଳ୍ପନାଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବରପୁତ୍ରଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଉଛି।

### ବିଧାୟକଙ୍କଠାରୁ ୧.୪ କୋଟି ସାଇବର ଠକେଇ ମାମଲା

## ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଆଉ ୩ ରାଜ୍ୟ ଯିବ କ୍ରାଇମବ୍ରାଞ୍ଚ ଟିମ୍

ଭୁବନେଶ୍ୱର,୩୧।୩(ସତ୍ୟଜିତ୍ ରାଉତ)

ଅନ୍‌ଲାଇନ୍ ଟ୍ରେଡିଂରେ ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦେଇ ସାଇବର ଠକମାନେ ଓଡ଼ିଶାର ଜଣେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକଙ୍କଠାରୁ ୧ କୋଟି ୪୦ ଲକ୍ଷ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଅଧିକ ତଦନ୍ତ ଜାରି ରଖିଛି। ଏଥିରେ ସମ୍ପୃକ୍ତ ୭ ଅଭିଯୁକ୍ତ ଗିରଫ ହୋଇ ଜେଲ ଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ କ୍ରାଇମବ୍ରାଞ୍ଚ ଖୋଳତାଡ଼ କରୁଛି। ଏଥିଲାଗି ସ୍ୱତନ୍ତ୍ର ପୋଲିସ ଟିମ୍ ଆଉ ୩ ରାଜ୍ୟକୁ ଯିବ ବୋଲି କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ ଖବରଦାତା ସମ୍ମିଳନୀରେ ସୋମବାର ସୂଚନା ଦେଇଛନ୍ତି। ତେବେ ତଦନ୍ତ ଶେଷ ହୋଇ ନ ଥିବାରୁ ଆଇଜି ଷଡ଼ଙ୍ଗୀ ଅଭିଯୋଗକାରୀଙ୍କ ନାଁ ପ୍ରଘଟ କରିନାହାନ୍ତି। ସେ କହିଛନ୍ତି, ଏବେ ରାଜ୍ୟବାପୀ ଚଢ଼ାଉ ଚାଲିଛି। ଏହି ମାମଲାର ତଦନ୍ତ ବେଳେ ପ୍ରଥମ ପର୍ଯ୍ୟାୟରେ ୭ଟି ଆକାଉଣ୍ଟକୁ ଟଙ୍କା ଯାଇଥିବା ଜଣାପଡ଼ିଥିଲା। ୩ ଇନ୍ସପେକ୍ଟର, ୪ ଏସ୍ଆଇଙ୍କ ସହ ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ କର୍ଣାଟକ, ତାମିଲନାଡୁ ଓ କେରଳକୁ ପଠାଯାଇଥିଲା। ତେବେ ଉକ୍ତ ୭ ଆକାଉଣ୍ଟରୁ ଅନ୍ୟ କେତେ ଆକାଉଣ୍ଟକୁ ମଧ୍ୟ ଟଙ୍କା ଯାଇଥିବା ଜଣାପଡ଼ିଛି। ତେଣୁ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଟିମ୍ ହାଇଦ୍ରାବାଦ, ଦିଲ୍ଲୀ, ଆସାମ ଯିବ। ତେବେ ଏଭଳି ମିଛ ପ୍ରଲୋଭନ ଦେଉଥିବା ଅଜଣା ବ୍ୟକ୍ତିଙ୍କ ଜାଲରେ ପଡ଼ି ଟଙ୍କା ନ ଦେବାକୁ ସେ ପରାମର୍ଶ ଦେଇଛନ୍ତି।

# ଖରାରୁ ରକ୍ଷା ପାଇଁ ଏଜି ଛକରେ ରହିବ ସ୍ଥାୟୀ ଶେଡ୍

ଭୁବନେଶ୍ୱର, ୩୧।୩ (ବନ୍ଦନା ସେଠୀ)

**ଗାଇଡ୍‌ଲାଇନ୍ ମାନିବାକୁ ମେୟରଙ୍କ ଅପିଲ୍**

- ଅଂଶୁଘାତ ମୁକାବିଲା ପାଇଁ ପ୍ରସ୍ତୁତ ଡାକ୍ତରଖାନା
- ୬୪ସ୍ଥାନରେ ଖୋଲାଯିବ ସୋଲାର ୱାଟର କିଓସ୍କ

ରାଜ୍ୟରେ ପ୍ରଚଣ୍ଡ ଖରା ଜାରି ରହିଥିବାବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ସମାନ ସ୍ଥିତି ଦେଖା ଦେଉଥିବାବେଳେ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସରକାରଙ୍କ ଗାଇଡ୍‌ଲାଇନ୍‌କୁ ପାଳନ କରିବାକୁ ମେୟର ସୁଲୋଚନା ଦାସ ଜନସାଧାରଣଙ୍କୁ ଅପିଲ୍ କରିଛନ୍ତି। ଅଂଶୁଘାତର ଆଶୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ସମେତ ବିଏମ୍‌ସିର ସମସ୍ତ ଡାକ୍ତରଖାନାରେ ବ୍ୟବସ୍ଥା କରାଯାଇଛି। ଅଂଶୁଘାତଜନିତ ରୋଗୀ ହସ୍ପିଟାଲକୁ ଆସିଲେ ତୁରନ୍ତ ଚିକିତ୍ସା ପାଇଁ ସମସ୍ତ ପଦକ୍ଷେପ ନିଆଯିବ। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ସହରର ବିଭିନ୍ନ ଟ୍ରାଫିକ୍ ଛକରେ ଅସ୍ଥାୟୀ ଶେଡ୍ କରାଯାଉଛି। ଏବେସୁଦ୍ଧା ୧୦ଟି ବଡ ଛକରେ ଶେଡ୍ କାମ ସରିଲାଣି। ସେହିପରି ଏଜିଛକରେ ସ୍ଥାୟୀ ଶେଡ୍ ନିର୍ମାଣ ପାଇଁ କାମ କରାଯାଉଛି। ଏପ୍ରିଲ୍ ୩ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରାଯିବ। ଆବଶ୍ୟକ ପଡିଲେ ଅନ୍ୟ ଛକଗୁଡ଼ିକରେ ମଧ୍ୟ ଶେଡ୍ ବ୍ୟବସ୍ଥା କରାଯିବ। ସେହିପରି ପରବର୍ତ୍ତୀ ସମୟରେ ଷ୍ଟୁଡିଓ ଛକରେ ସ୍ଥାୟୀ ଶେଡ୍ ନିର୍ମାଣ ନେଇ ଯୋଜନା ରହିଛି। ଏହାବାଦ୍ ଚଳିତବର୍ଷ ସୋଲାର ୱାଟର କିଓସ୍କ ଖୋଲାଯିବ। ୬୭ଟି ୱାର୍ଡରେ ଗୋଟିଏ ଲେଖାଏ ଜଳଛତ୍ର ଖୋଲାଯିବ ଏବଂ ୬୪ଟି ସ୍ଥାନରେ ସୋଲାର ୱାଟର କିଓସ୍କ ସ୍ଥାପନ କରାଯିବ। ଏଥିମଧ୍ୟରୁ ୧୪ଟି ସ୍ଥାନରେ କାମ ସରି ଯାଇଥିବାବେଳେ ଅନ୍ୟ ସ୍ଥାନଗୁଡ଼ିକରେ ଖୁବ୍‌ଶୀଘ୍ର କାମ ସରିଯିବ। ମଙ୍ଗଳବାରଠାରୁ ପିଇବା ପାଣି ଉପଲବ୍ଧ ହେବ। ଏଥିସହ ବୁଲା ଗାଈଗୋରୁ ଓ କୁକୁରଙ୍କ ପିଇବା ପାଇଁ ମାଟିପାତ୍ରର ବ୍ୟବସ୍ଥା କରାଯାଇଛି ବୋଲି ମେୟର ସୂଚନା ଦେଇଛନ୍ତି। ସେହିପରି ଗାଇଡ୍‌ଲାଇନ୍‌କୁ ଅନୁପାଳନ କରିବା ସହ ଶ୍ରମିକମାନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ କାମ ନ କରିବାକୁ ମେୟର କହିଛନ୍ତି। କେବଳ ଅତ୍ୟାବଶ୍ୟକ କାମ ଥିଲେ ଖରାରେ ବାହାରିବା ସହ ସାଙ୍ଗରେ ଛତା କିମ୍ବା ମୁଣ୍ଡରେ ଓଦା ଗାମୁଛା ପକାଇବା ସହ ପିଇବା ପାଣି ସାଙ୍ଗରେ ନେଇ ଯିବା ପାଇଁ ସେ ଅନୁରୋଧ କରିଛନ୍ତି।


@ ଶ୍ରୀ


@ ଅନୀଷା


@ ରାମକୃଷ୍ଣ


@ ସୁମନ୍ତ

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୋଲିସକୁ ଆକ୍ରମଣ, ପିସିଆର୍ ଭଙ୍ଗାରୁଜା


ଗିରଫ ଅଭିଯୁକ୍ତମାନେ।


ସ୍ଥାନୀୟ ଲୋକଙ୍କ ଆକ୍ରମଣରେ ଆହତ ୨ ପୋଲିସ ଅଧିକାରୀ।

**ପୈତୃକ ଘରକୁ ନେଇ ସାନଭାଇଙ୍କୁ ଖଣ୍ଡାଚୋଟ, ୬ ଗିରଫ**

- ଅତିରିକ୍ତ ଆଇଆଇସି, ମହିଳା ଏଏସ୍ଆଇ, ପିସିଆର୍ ଡ୍ରାଇଭର ଆହତ
- ଅଭିଯୁକ୍ତଙ୍କୁ ଛଡ଼ାଇ ଆଣି ମାଡ଼ବେଳେ ପୋଲିସ ସହ ସ୍ଥାନୀୟ ଲୋକଙ୍କ ମୁହାଁମୁହିଁ

ଭୁବନେଶ୍ୱର,୩୧।୩ (ସୂର୍ଯ୍ୟକାନ୍ତ ବେହେରା)

ପୈତୃକ ଘରକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଉଗ୍ରରୂପ ନେଇଛି। ବଡ଼ଭାଇ ସୂର୍ଯ୍ୟ ମହାରଣା ନିଜ ପୁଅ, ସ୍ତ୍ରୀ ଓ ସମ୍ପର୍କୀୟଙ୍କ ସହାୟତାରେ ସାନଭାଇ ଅଶୋକ ମହାରଣାଙ୍କୁ ଖଣ୍ଡାରେ ହାଣିଛନ୍ତି। ଏଥିରେ ଅଶୋକଙ୍କ ମୁଣ୍ଡ, ହାତ ସହ ଦେହସାରା କ୍ଷତ ସୃଷ୍ଟି ହେବାରୁ ସେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ନିଜେ ଶାସ୍ତି ଦେବାକୁ ଯାଇ ପୋଲିସ ଟିମ୍‌କୁ ଆକ୍ରମଣ କରିବା ସହ ପିସିଆର୍ ଗାଡି ଭଙ୍ଗାରୁଜା କରିଛନ୍ତି। ରବିବାର ବିଳମ୍ବିତ ରାତିରେ ଭରତପୁର ଥାନା ଅନ୍ତର୍ଗତ ବନଦୁର୍ଗା ବସ୍ତିରେ ଏହି ଘଟଣା ଘଟିଥିବା ବେଳେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଅତିରିକ୍ତ ଆଇଆଇସି ମାଧବ ବସ୍ତିଆ, ଏଏସ୍ଆଇ ସଂଘମିତ୍ରା କର ଓ ପିସିଆର୍ ଡ୍ରାଇଭର କାର୍ତ୍ତିକ ବେହେରା ଆହତ ହୋଇଛନ୍ତି। ମାଧବଙ୍କ ମୁଣ୍ଡ ଓ ସଂଘମିତ୍ରାଙ୍କ ଛାତିରେ ଆଘାତ ଲାଗିଛି। ତେବେ ପୋଲିସ କେବଳ ଖଣ୍ଡା ଚୋଟ ଘଟଣାରେ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ସୂର୍ଯ୍ୟ, ସ୍ତ୍ରୀ ଆରତି ମହାରଣା, ଦୁଇ ପୁଅ ମନୋଜ ଓ ଅକ୍ଷୟ ଏବଂ ଅନ୍ୟ ଦୁଇ ସହଯୋଗୀ ହେଲେ ରାକେଶ କୁମାର ନାୟକ ଓ ରଶ୍ମିତା ନାୟକ। କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପୋଲିସ ଟିମ୍ ଉପରେ ଆକ୍ରମଣ ନେଇ ମାମଲା ରୁଜୁ ହୋଇଥିଲେ ମଧ୍ୟ ସୋମବାର ରାତି ସୁଦ୍ଧା କାହାକୁ ଗିରଫ କରାଯାଇ ନାହିଁ। ଆକ୍ରମଣରେ ବ୍ୟବହୃତ ଇଟା, ବାଉଁଶ ଓ ମାରଣାସ୍ତ୍ର ଆଦି ଜବତ ହୋଇଥିବା ପୋଲିସ ସୂଚନା ଦେଇଛି। ସୂଚନାନୁସାରେ, ଭାସ୍କର ମହାରଣାଙ୍କ ନାମରେ ବନଦୁର୍ଗା ବସ୍ତିରେ ଏକ ଜାଗା ରହିଛି। ସେ ସେଠାରେ ପରିବାର ସହ ରହୁଥିବାବେଳେ ବାପାଙ୍କ ସମ୍ପତ୍ତିକୁ ନେଇ ଦୁଇପୁଅ ସୂର୍ଯ୍ୟ ଓ ଅଶୋକଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଅନେକ ସମୟରେ ଦୁଇ ଭାଇ ଓ ସେମାନଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ତେବେ ମାର୍ଚ୍ଚ ୨୬ରେ ମାମଲା ଭରତପୁର ଥାନାରେ ପହଞ୍ଚିବା ପରେ ପୋଲିସ ଦୁଇଭାଇଙ୍କ ଅଭିଯୋଗ ଆଧାରରେ ତଦନ୍ତ ଚଳାଇଥିଲା। ହେଲେ ରବିବାର ରାତିରେ ସୂର୍ଯ୍ୟ ମହାରଣା ଅଶୋକ ରହୁଥିବା ଘରକୁ ଯାଇ ଗାଳିଗୁଲଜ କରିଥିଲେ। ଏନେଇ ଅଶୋକ ବିରୋଧ କରିବାରୁ ସୂର୍ଯ୍ୟ ତାଙ୍କ ଦୁଇ ପୁଅ ଓ କେତେଜଣ ସହଯୋଗୀଙ୍କ ଜରିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଖବର ପାଇ ଅତିରିକ୍ତ ଆଇଆଇସି ମାଧବଙ୍କ ନେତୃତ୍ୱରେ ପୋଲିସ ଟିମ୍ ପହଞ୍ଚି ଅଶୋକଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଥାନାକୁ ଆଣିବା ବେଳେ ପ୍ରବଳ ଉତ୍ତେଜନା ହୋଇଥିଲା। ଆହତ ଅଶୋକଙ୍କ ସପକ୍ଷରେ ବାହାରିଥିବା ଲୋକେ ଅଭିଯୁକ୍ତମାନଙ୍କୁ ଛଡାଇ ଆଣି ମାଡ ମାରିଥିଲେ। ଏହି ସମୟରେ ପୋଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ପୋଲିସଙ୍କୁ ଗୋଡାଇ ଆକ୍ରମଣ କରିବା ସହ ପିସିଆର ଗାଡିକୁ ଭଙ୍ଗାରୁଜା କରିଥିଲେ। ଅଧିକ ପୋଲିସ ଫୋର୍ସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଅଭିଯୁକ୍ତଙ୍କୁ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଉଦ୍ଧାର କରି ଥାନାକୁ ଆଣିବା ପରେ ଗିରଫ କରିଥିଲା। ଏନେଇ ପୋଲିସ ଦୁଇଟି ମାମଲା (ନଂ.୧୬୧ ଓ ୧୬୨/୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ଏସ୍‌ବିଆଇ ପକ୍ଷରୁ ଲାଗିଲା ସୋଲାର ଲାଇଟ୍



ଭୁବନେଶ୍ୱର,୩୧।୩(ଅଭୟ ଦାସ)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଆଲୋକୀକରଣ କାର୍ଯ୍ୟକ୍ରମର ଲୋକାର୍ପଣ କରାଯାଇଛି। ଉଲ୍ଲେଖଯୋଗ୍ୟ, ସ୍ୱେଚ୍ଛାସେବୀ ସଙ୍ଗଠନ 'ଆଜିର ସୃଜନୀ' ସହଯୋଗରେ ଏସ୍‌ବିଆଇ ୧୨୮ଟି ସୌରଚାଳିତ ଆଲୋକ ଖୁଣ୍ଟ ବାଲିଅନ୍ତା ବ୍ଲକ୍‌ର ସତ୍ୟଭାମାପୁର ପଞ୍ଚାୟତରେ ସ୍ଥାପନ କରାଯାଇଛି। ଏହି ଆଲୋକୀକରଣ କାର୍ଯ୍ୟକ୍ରମ ଦ୍ୱାରା ବାଲିଅନ୍ତା ବ୍ଲକ୍ ଅଧୀନ ଗୋତଳବିନ୍ଧା ଗ୍ରାମର ସହସ୍ରାଧିକ ଜନସାଧାରଣ ଉପକୃତ ହେବେ। ଏହି ପରିପ୍ରେକ୍ଷୀରେ ବାଲିଅନ୍ତା ବ୍ଲକ୍‌ର ସତ୍ୟଭାମାପୁର ପଞ୍ଚାୟତ ଅନ୍ତର୍ଗତ ଗୋତଳବିନ୍ଧା ଗ୍ରାମସ୍ଥିତ ସୀତାରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥ୍ୱୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ବିଧାନସଭା ମଣ୍ଡଳୀର ପୂର୍ବତନ ବିଧାୟକ ଅରବିନ୍ଦ ଢାଲି ଏବଂ ଶତାଧିକ ଗ୍ରାମବାସୀଙ୍କ ସମେତ ଷ୍ଟେଟ୍ ବ୍ୟାଙ୍କ୍‌ର ମହାପ୍ରବନ୍ଧକ ପୋନ୍ନମବଲମ୍ ଏମ୍, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ ଢାଲି ଷ୍ଟେଟ୍ ବ୍ୟାଙ୍କ୍ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହ ଉତ୍ତରୋତ୍ତର ପ୍ରଗତି କାମନା କରିଥିଲେ।

# ଖୋଲିଲାନି ଜଳଛତ୍ର, ଅଂଶୁଘାତ ମୁକାବିଲା ୱାର୍ଡ

ବେଗୁନିଆ ବ୍ଲକ

ବେଗୁନିଆ,୩୧।୩(ହର ପ୍ରସନ୍ନ ପଣ୍ଡା)

ରାଜ୍ୟରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବ ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହେଲାଣି। ଖରା ସହ ବେଗୁନିଆ ବ୍ଲକ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନକୁ ଦିନ ତାପମାତ୍ରା ଉପରମୁହାଁ ହେବାରେ ଲାଗିଛି। ଦୈନିକ ତାପମାତ୍ରା ପ୍ରାୟ ୩୭ ଡିଗ୍ରୀ ରହୁଛି। ପରିସ୍ଥିତି ଏପରି ହେଲାଣି ଯେ, ପୂର୍ବାହ୍ନରେ ଲୋକେ ଘରୁ ପଦାକୁ ବାହାରିବାକୁ ଭୟ କଲେଣି। ପୂର୍ବାହ୍ନ ପ୍ରାୟ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବଜାର ଶୂନ୍‌ଶାନ ହୋଇପଡୁଛି। ଅନ୍ୟପଟେ ଗ୍ରୀଷ୍ମପ୍ରବାହ ସମୟରେ ଅଂଶୁଘାତ ହେବାର ସମ୍ଭାବନା ରହିଛି। ହେଲେ ଅଂଶୁଘାତ ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଆଗୁଆ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଏଯାଏ ଅଂଶୁଘାତ ମୁକାବିଲା ୱାର୍ଡ ଖୋଲି ନ ଥିବା ଜଣାପଡ଼ିଛି। ଜନସ୍ୱାସ୍ଥ୍ୟ ଏବଂ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏଯାଏ ଜଳଛତ୍ର ବ୍ୟବସ୍ଥା କରାଯାଇନାହିଁ। ଏହାକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି।

ସୂଚନାଥାଉ କି, ପ୍ରତିବର୍ଷ ମାର୍ଚ୍ଚ ୧୫ରୁ ଜୁନ୧୫ପର୍ଯ୍ୟନ୍ତ ଅଂଶୁଘାତ ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଥାଏ। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଗାଁ କଲ୍ୟାଣ ସମିତି ଏବଂ ବ୍ଲକ ପକ୍ଷରୁ ୱାର୍ଡସଭ୍ୟଙ୍କ ମିଳିତ ଉଦ୍ୟମରେ ପ୍ରତ୍ୟେକ ଗ୍ରାମରେ ନିଯୁକ୍ତି ପାଇଥିବା ଆଶା କର୍ମୀମାନେ ଜଳଛତ୍ର ଖୋଲିବା ଦାୟିତ୍ୱରେ ରହିଛନ୍ତି। ଏନେଇ ଗାଁ କଲ୍ୟାଣ ପାଣ୍ଠି ଓ ଅର୍ଥ କମିଶନ ପକ୍ଷରୁ ବ୍ୟୟ କରାଯିବାକୁ ନିୟମ ରହିଛି। ବର୍ତ୍ତମାନ ମାର୍ଚ୍ଚ ମାସ ସରିବାକୁ ବସିଥିବା ବେଳେ କେଉଁଠି ଜଳଛତ୍ର ଖୋଲିଲା ନାହିଁ। ବ୍ଲକର ୧୭୦ଟି ରାଜସ୍ୱ ଗ୍ରାମରେ ଜଳଛତ୍ର ଖୋଲିବା ପାଇଁ ପ୍ରସ୍ତୁତି ବୈଠକ ବସିଲା ନାହିଁ। ସେହିପରି ଅର୍ଥ କମିଶନ ଯୋଜନା ପକ୍ଷରୁ ଗ୍ରାମ ପଞ୍ଚାୟତ ଜରିଆରେ ଜନଗହଳି ସ୍ଥାନ, ବଜାର ଅଞ୍ଚଳ ଏବଂ ଜଳସଙ୍କଟ ଦେଖାଦେଇଥିବା ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ନିୟମ ରହିଛି। ତେବେ ସରପଞ୍ଚମାନେ ତତ୍ପରତା ଦେଖାଉ ନ ଥିବା ଜଣାପଡ଼ିଛି। ବ୍ଲକର ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୧୧ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ମୁକାବିଲା ୱାର୍ଡ ଖୋଲିଲାନି। ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଏଯାଏ ଜିଙ୍କ୍, ହାଲୋଜିନ, ଓଆରଏସ୍ ପାଉଚ, ପାରାସିଟାମଲ ଓ ମେଟ୍ରନ ବଟିକା ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ନ ଥିବା ଜଣାପଡ଼ିଛି। ତେବେ ଜରୁରିକାଳୀନ ରୋଗୀସେବା ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ଏ ସମ୍ପର୍କରେ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଡା. ଦେବାଶିଷ ଆଚାର୍ଯ୍ୟ କୁହନ୍ତି, ଏଯାଏ ଅଂଶୁଘାତଜନିତ ସେଭଳି କୌଣସି ଅଘଟଣ ଦେଖାଦେଇନି। ତଥାପି ମୁକାବିଲା ପାଇଁ ବିଭାଗ ସଜାଗ ରହିଛି। ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଔଷଧ ଗଚ୍ଛିତ ରଖିବାକୁ ବ୍ୟବସ୍ଥା କରାଯାଇଛି। ଯଦି କୌଣସି ରୋଗୀଙ୍କ ଆବଶ୍ୟକ ପଡ଼େ ମାଗଣାରେ ଔଷଧ ଯୋଗାଇ ଦିଆଯିବ।



ଜଟଣୀ କୁଦିଆରୀ ଗ୍ରାମସ୍ଥିତ ମା' ଜାଗୁଲାଇଙ୍କ ଚନ୍ଦ୍ରଘଣ୍ଟା ବେଶ। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)

## ୯,୬୦୦ ଲିଟର ପୋଚ ନଷ୍ଟ, ଦେଶୀମଦ ଜବତ

ବେଗୁନିଆ, ୩୧।୩(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଜିଲା ସଦର ରେଞ୍ଜ୍ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ଥାର୍ପା ମାରାଣ୍ଡି ଓ ବେଗୁନିଆ ଅବକାରୀ ଥାନା ପୋଲିସ ଦୁଇଟି ସ୍ଥାନରେ ଚଢ଼ାଉ କରିଥିଲେ। କୋତଲାଙ୍ଗ ଏବଂ କୋଟସିଂହା ଗ୍ରାମ ନିକଟ ଜଙ୍ଗଲରେ ମଦ ରନ୍ଧାଯାଉଥିବା ବେଳେ ସେଠାରୁ ୯ ହଜାର ୬ ଶହ ଲିଟର ପୋଚ ନଷ୍ଟ କରାଯିବା ସହ ୫୬୦ ଲିଟର ଦେଶୀମଦ ଏବଂ ଆବଶ୍ୟକ ସାମଗ୍ରୀ ଜବତ ହୋଇଛି। ତେବେ ଚଢ଼ାଉ ପୂର୍ବରୁ ସୂଚନା ପାଇ ଅଭିଯୁକ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ।

## ଓଡ଼ିଶୀ ସଂକୀର୍ତ୍ତନ ଉତ୍ସବ ଉଦ୍‌ଯାପିତ

ବେଗୁନିଆ, ୩୧।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ସାନତୁଳସୀପୁରସ୍ଥିତ ମା' ବାୟାଣୀଦେବୀଙ୍କ ପୀଠରେ ଚାଲିଥିବା ଓଡ଼ିଶୀ ସଂକୀର୍ତ୍ତନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୁରୋଧା ପ୍ରଦୀପ ଚନ୍ଦ୍ର ଦାଶ ଓ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କର୍ତ୍ତାଭାବେ ପ୍ରମୋଦ କୁମାର ପରିଡ଼ା ଓ ତାଙ୍କ ସ୍ତ୍ରୀ ବାସନ୍ତୀ ପରିଡ଼ା ଦାୟିତ୍ୱ ତୁଲାଇଥିଲେ। ଅନ୍ତିମ ଦିବସରେ ଅଧିଷ୍ଠାତ୍ରୀ ଦେବୀଙ୍କ ପୀଠରେ ସ୍ଥାପନ ହୋଇଥିବା କଳସ ଶ୍ରଦ୍ଧାଳୁମାନେ ନଗର କୀର୍ତ୍ତନ ସହ ଫଗୁ ଖେଳି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପୋଖରୀରେ ଭସାଣ ହୋଇଥିଲା।

## ପିଏନ୍ କଲେଜରେ ନୂତନ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

ଖୋର୍ଦ୍ଧା,୩୧।୩(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ (ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ଡ.ବିଦ୍ୟୁଶ୍ରୀ ମିଶ୍ର ଯୋଗଦେଇଛନ୍ତି। ସେ ବିଦାୟୀ ଅଧ୍ୟକ୍ଷା ଡ.ବିନୋଦିନୀ ମିଶ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ମହାବିଦ୍ୟାଳୟ ଉପାଧ୍ୟକ୍ଷ ଡ.ପ୍ରଣବ କିଶୋର ମହାନ୍ତି, ପ୍ରଶାସକ ଅଶୋକ ବଳବନ୍ତରାୟ ମଧ୍ୟ ଅବସର ଗ୍ରହଣ କରିଛନ୍ତି। ନୂତନ ଅଧ୍ୟକ୍ଷା ମିଶ୍ର ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଉପଦେଷ୍ଟା ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଭେଟିଥିଲେ। ନୂତନ ଅଧ୍ୟକ୍ଷାଙ୍କୁ କଲେଜର ସମସ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଅଧ୍ୟାପିକା, ଅଧ୍ୟାପକ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ, ଗୁଣାତ୍ମକ ଶିକ୍ଷା, ଉଚ୍ଚସ୍ତରୀୟ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବେ ବୋଲି ବିଦ୍ୟୁଶ୍ରୀ କହିଛନ୍ତି।

## କୁଡୋରେ ସ୍ୱର୍ଣ୍ଣ, ରୌପ୍ୟ ଜିତିଲେ ପ୍ରିସ୍କିଲା



ବେଗୁନିଆ, ୩୧।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଡିଙ୍ଗର ଗ୍ରାମର ରବି ନାରାୟଣ ନାଗ ଏବଂ କବିତା ନାୟକଙ୍କ ଝିଅ ପ୍ରିସ୍କିଲା ରାଜ୍ୟ ବିଦ୍ୟାଳୟସ୍ତରୀୟ କୁଡୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ କରିଛନ୍ତି। ଗତ ୨୯ ତାରିଖରୁ ଦୁଇଦିନ ଧରି କଟକ ଖ୍ରୀଷ୍ଟ ମହାବିଦ୍ୟାଳୟ ପରିସରରେ ଏହି ପ୍ରତିଯୋଗିତା ହୋଇଥିଲା। ପ୍ରିସ୍କିଲା ଭୁବନେଶ୍ୱରସ୍ଥିତ କେଦାରଗୌରୀ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ବେଳେ ସୁନ୍ଦରପଦା ବାପୁଜୀ କ୍ଲବଠାରେ କୋଚ୍ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଛନ୍ତି।

# ଇଦ୍‌ଗାରେ ତାଲା, ୧୬୩ ଧାରା ଜାରି



ଇଦ୍‌ଗା ଗେଟ୍‌ରେ ପ୍ରଶାସନ ପକ୍ଷରୁ ତାଲା ପକାଯାଇଛି।



ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଛି।

ଜଟଣୀ, ୩୧।୩ (ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ଗଜପତିନଗର ଅଞ୍ଚଳରେ ଥିବା ଇଦ୍‌ଗାରେ ସାମୂହିକ ନମାଜ ପାଠକୁ ନେଇ ରବିବାର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ଏନେଇ ସେମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ବିବାଦର ସମାଧାନ ହୋଇ ନ ପାରିବାରୁ ସୋମବାର ପୋଲିସ ପ୍ରଶାସନ ପକ୍ଷରୁ ଇଦ୍‌ଗାରେ ତାଲା ପକାଯିବା ସହ ୧୬୩ ଧାରା ଲାଗୁ କରାଯାଇଛି। ଭୁବନେଶ୍ୱର କମିଶନରେଟ ପୋଲିସର ଜୋନ-୩ ଏସିପି ଏବଂ ସ୍ଥାନୀୟ ଥାନା ଅଧିକାରୀ ସ୍ଥିତି ଉପରେ ନଜର ରଖିଥିବା ବେଳେ ଘଟଣାସ୍ଥଳରେ ୨ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି।

ସୂଚନାଥାଉ କି, ଜଟଣୀ ସହରରେ ୬ଟି ମସଜିଦ ରହିଥିବା ବେଳେ ଏକମାତ୍ର ଇଦ୍‌ଗା (ଇଦ୍ ନମାଜ ପଢ଼ିବା ସ୍ଥାନ) ରହିଛି। ସେଠାରେ ପୂର୍ବରୁ ଇଦ୍-ଉଲ୍-ଫିତର ପର୍ବ ପାଳନ ଦିନ ଇସଲାମ୍ ଧର୍ମାବଲମ୍ବୀମାନେ ଏକାଠି ହୋଇ ନମାଜ ପାଠ କରୁଥିଲେ। ତେବେ କିଛିବର୍ଷ ହେବ କୌଣସି କାରଣରୁ ସେଠାରେ ସାମୂହିକ ନମାଜ ପାଠକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିରହିଛି। ତେବେ ରମଜାନ ମାସ ସରିବା ପରେ ସୋମବାର ଇଦ୍-ଉଲ୍-ଫିତର ପର୍ବ ପାଳନ ହେବ ବୋଲି ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ହଠାତ୍ ରବିବାର ସନ୍ଧ୍ୟାରେ ଇଦ୍‌ଗାରେ ନମାଜ ପାଠକୁ ନେଇ ପୁଣି ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଥିଲା। ଏନେଇ ସେମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଆଗକୁ ବିବାଦ ଉଗ୍ରରୂପ ଧାରଣ କରିବା ଆଶଙ୍କାକରି ପୋଲିସ ପ୍ରଶାସନ ପକ୍ଷରୁ ଇଦ୍‌ଗାରେ ତାଲା ପକାଯିବା ସହ ୧୬୩ ଧାରା ଜାରି କରାଯାଇଛି। ଫଳରେ ସମସ୍ତ ନମାଜି ନିଜର ନିକଟ ମସଜିଦରେ ନମାଜ ପାଠ କରିଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ଜଟଣୀ ସହରରେ ଶାନ୍ତିପୂର୍ଣ୍ଣଭାବେ ଇଦ୍ ପର୍ବ ପାଳନ କରାଯାଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି।

## ବାର୍ଷିକ ଉତ୍ସବରେ ନିଶା ନିବାରଣ ବାର୍ତ୍ତା

ବାଣପୁର,୩୧।୩ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକର ସୁନାକେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମଞ୍ଚସ୍ଥ ନାଟକରେ ଛାତ୍ରୀମାନେ ନିଶା ନିବାରଣ ବାର୍ତ୍ତା ଦେଇଥିଲେ। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ମୁଖ୍ୟ ଅତିଥି ଏବଂ ବାଣପୁର ବାର୍ ଆସୋସିଏଶନର ଆଇନଜୀବୀ ରାଜକିଶୋର ପଣ୍ଡା, ସଙ୍ଗୀତଜ୍ଞ ଗୌରାଙ୍ଗ ଚରଣ ମୁଦୁଲି, ପୂର୍ବତନ ଶିକ୍ଷକ ରାମଚନ୍ଦ୍ର ମଙ୍ଗରାଜ, ୱାର୍ଡସଭ୍ୟା କବିତା ନାୟକ, ପୂର୍ବତନ ଶିକ୍ଷକ ଗଣେଶ ମୁଦୁଲି, ନନ୍ଦପୁର ପଞ୍ଚାୟତର ସମିତିସଭ୍ୟ ମନମୋହନ ବସ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭୂତି ଭୂଷଣ ଦାଶ, ରଞ୍ଜିତା କୁମାରୀ ଦେବୀ, ତ୍ରିନାଥ ବାରିକ, ଦେବ ଦର୍ଶନୀ ବିଶ୍ୱାଳ ପ୍ରମୁଖ ସହାୟତା କରିଥିଲେ। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଶିକ୍ଷକ ବିଭୂତି ଭୂଷଣ ଦାଶ ଧନ୍ୟବାଦ ଦେଇଥିଲେ।

## ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ

ଖୋର୍ଦ୍ଧା,୩୧।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ପୁରୁସାହି ଗ୍ରାମସ୍ଥିତ ୟୁଥ୍ ପିଟି ଆସୋସିଏଶନ ଦ୍ୱାରା ଦୀର୍ଘଦିନ ଧରି ଚାଲିଥିବା କରାଟେ, ଯୋଗ, ମାର୍ଶାଲ ଆର୍ଟ ଆଦି ଶାରୀରିକ ଶିକ୍ଷା ପ୍ରଶିକ୍ଷଣକେନ୍ଦ୍ରରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆୟୋଜିତ ଏହି ଶିବିରରେ ଅନୁଷ୍ଠାନର ନିର୍ଦ୍ଦେଶକ ମନିସ କୁମାର ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ଆସୋସିଏଶନର ନିର୍ଦ୍ଦେଶିକା ଅନନ୍ଦିତା କୁମାରୀ ଯୋଗଦେଇ ଏହି ଶିକ୍ଷା ମହିଳା ଓ ପୁରୁଷଙ୍କ ଆତ୍ମରକ୍ଷା ନିମନ୍ତେ ବିଶେଷ ସହାୟକ ହେବ ବୋଲି କହିଥିଲେ। ମାର୍ଶାଲ ଆର୍ଟ ଇଣ୍ଡିଆ କରାଟେ ଆସୋସିଏଶନର ମନିସ ଶର୍ମା, ରାଜୀବ କୁମାର ପ୍ରଧାନ, ବିଶ୍ୱଜିତ୍ ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରକୁ ଟ୍ରେନର ରଞ୍ଜିତ କୁମାର, ଭାସ୍କର ଗିରି ଏବଂ ବିକାଶ କୁମାର ପରିଚାଳନା କରିଥିଲେ।

# ଠଣାପଲ୍ଲୀରେ ଦଣ୍ଡ ପର୍ବ

ବୋଲଗଡ଼/ କଳାପଥର, ୩୧।୩
(ଦେବବ୍ରତ ହୋତା/ ଗଙ୍ଗାଧର ସାହୁ)



ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମର ଆରାଧ୍ୟ ଶ୍ରୀ ବାଲୁଙ୍କେଶ୍ୱର ଦେବ ଏବଂ ମା' କାଳିକା ଠାକୁରାଣୀଙ୍କ ଦଣ୍ଡପର୍ବ ଆରମ୍ଭ ହୋଇଯାଇଛି। ଗ୍ରାମ ପୋଖରୀରେ ମଧ୍ୟରାତ୍ରରେ ମାନସିକଧାରୀମାନେ ଘଟକଳସରେ ଜଳଭରି ଓ ସନ୍ଧିପୂଜା ପରେ ପଟୁଆରରେ ମା'ଙ୍କ ଦଣ୍ଡ ଠାକୁରଙ୍କୁ ଗ୍ରାମ ପରିଭ୍ରମଣ କରାଇଥିଲେ। କାଳିକା ଠାକୁରାଣୀଙ୍କ ମନ୍ଦିର ପୀଠରେ ଘଟ ସ୍ଥାପନ ସହ ଦଣ୍ଡ ଠାକୁରଙ୍କୁ ସଂସ୍ଥାପନ କରାଯାଇଥିଲା। ଏହି ପର୍ବ ଠଣାପଲ୍ଲୀରେ ଦୀର୍ଘବର୍ଷ ଧରି ଚାଲିଆସୁଥିବା ବେଳେ ଚଳିତ ବର୍ଷ ପାଟଭଗତା ଭାବେ ସର୍ବେଶ୍ୱର ମହାପାତ୍ର ଓ ପାଟ ଦଣ୍ଡୁଆଭାବେ ନାରଣ ସାହୁ ମାନସିକ କରିଥିବା ବେଳେ ଅନେକ ଦଣ୍ଡବ୍ରତଧାରୀ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଗ୍ରାମ କମିଟି ପକ୍ଷରୁ ଫକିର ପ୍ରଧାନ, ଭାଗୀରଥି ଦାଶ, ଦୁଃଖିଶ୍ୟାମ ମହାପାତ୍ର, ଧ୍ରୁବଚରଣ ମହାପାତ୍ର ପ୍ରମୁଖ ପରିଚାଳନା କରୁଛନ୍ତି। ୧୬ ଦିନ ଧରି ଚାଲିବାକୁ ଥିବା ଏହି ଦଣ୍ଡପର୍ବରେ ଗ୍ରାମରେ ଆମିଷ ନିଷେଧ କରାଯାଇଛି। ଆଖପାଖ ଚଉଦ ଗ୍ରାମର ଦଣ୍ଡ ଠାକୁରଙ୍କୁ ନେଇ ଏପ୍ରିଲ ୧୧ ଓ ୧୨ ଦୁଇଦିନ ଧରି ଦଣ୍ଡ ମେଳଣ ଅନୁଷ୍ଠିତ ହେବ। ପଣାସଂକ୍ରାନ୍ତିରେ ଉଦ୍‌ଯାପିତ ହେବାକୁଥିବା ଏହି ପର୍ବ ଅବସରରେ ଦଣ୍ଡୁଆମାନେ ରାତିରେ ଦଣ୍ଡ ଠାକୁରଙ୍କୁ ଧରି ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହ ଦଣ୍ଡନାଚରେ ସୁଆଙ୍ଗ ପରିବେଷଣ କରିଥାନ୍ତି।

## ୩୫ ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର

ଟାଙ୍ଗୀ,୩୧।୩(ରଘୁନାଥ ସାହୁ)

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ବଡ଼ପାରୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର ଭୁଜବଳ, ଅତିଥିଭାବେ ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ ଦାସ, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ ରାଉତ, ଉପଦେଷ୍ଟା ରଘୁନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୩୫ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା।

# ସରକାରୀସ୍ତରରେ ୧୦ ଶଯ୍ୟା, କାର୍ଯ୍ୟକାରୀ ହେଉଛି ୨

ବେଗୁନିଆ,୩୧।୩(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ବ୍ରିଟିଶ ଅମଳର ଡାକ୍ତରଖାନା ୧୦ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଏବେ ୨ ଶଯ୍ୟା କାର୍ଯ୍ୟକାରୀ ହେଉଥିବା ଦେଖିବାକୁ ମିଳିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଦୁଇ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଦେଖାଇ କର୍ମଚାରୀଙ୍କୁ ମଧ୍ୟ ଛଟେଇ କରାଯାଉଛି। ଫଳରେ ଅଞ୍ଚଳର ଲୋକେ ସ୍ୱାସ୍ଥ୍ୟସେବା ପାଇବାରେ ହଇରାଣ ହେଉଛନ୍ତି।

ସୂଚନାଥାଉ କି, ୧୯୮୧ ମସିହାରେ ହରିହର କରଣ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ସମୟରେ ବେଗୁନିଆରେ ୧୦ଶଯ୍ୟା ବିଶିଷ୍ଟ ଡାକ୍ତରଖାନାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ୧୯୮୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉକ୍ତ ଡାକ୍ତରଖାନାକୁ ଉଦ୍‌ଘାଟନ କରିଥିଲେ।




ତେବେ ଏହି ଡାକ୍ତରଖାନା ୧୦ଶଯ୍ୟା ବୋଲି ସରକାରୀସ୍ତରରେ କାଗଜପତ୍ର କିଛି ନ ଥିବା ଅଧିକାରୀମାନେ କହୁଥିବା ବେଳେ ଉଦ୍‌ଘାଟନର ୫ବର୍ଷ ପରେ କାଗଜପତ୍ରରେ ଉକ୍ତ ଡାକ୍ତରଖାନା ୬ଶଯ୍ୟା ବିଶିଷ୍ଟ ଜଣାପଡ଼ିଥିଲା। ସେହି ଅନୁସାରେ କର୍ମଚାରୀ ନିଯୁକ୍ତି ଦିଆଯାଇଥିଲା। ସରକାରଙ୍କ ନିୟମ ଅନୁସାରେ ଗୋଟିଏ ପିଏଚ୍‌ସିରେ ଦୁଇଟି ବେଡ୍ ରହୁଥିବାବେଳେ ଜଣେ ସିକ୍ୟୁରିଟି ଗାର୍ଡ ଏବଂ ନିର୍ମଳ ଯୋଜନାରେ ଜଣେ ସୁଇପର ନିଯୁକ୍ତି ଦିଆଯାଉଥିବା ବେଳେ ବେଗୁନିଆ ଡାକ୍ତରଖାନାରେ ସେହି ଅନୁସାରେ ୩ଜଣ ସିକ୍ୟୁରିଟି ଗାର୍ଡ ଏବଂ ୩ଜଣ ସୁଇପରଙ୍କୁ ନିଯୁକ୍ତି ଦିଆଯାଇଥିଲା। ଅନ୍ୟପଟେ ବେଗୁନିଆ ଡାକ୍ତରଖାନାକୁ କର୍ତ୍ତୃପକ୍ଷ ଦୁଇ ଶଯ୍ୟା ବିଶିଷ୍ଟ ପିଏଚ୍‌ସି ଦେଖାଇ ଗତ ଫେବୃଆରୀରୁ ଦୁଇଜଣ ସିକ୍ୟୁରିଟି ଗାର୍ଡ ଏବଂ ଦୁଇଜଣ ସୁଇପରଙ୍କୁ ବାହାର କରି ଦିଆଯାଇଛି। ଫଳରେ ୩ଜଣ ସିକ୍ୟୁରିଟି ୮ଘଣ୍ଟା ଲେଖାଏ କାର୍ଯ୍ୟ କରୁଥିବା ବେଳେ ଏବେ ଜଣେ ସିକ୍ୟୁରିଟି ୮ଘଣ୍ଟା କାର୍ଯ୍ୟ କରି ପଳାଉଛନ୍ତି। ଫଳରେ ରାତିରେ ଆସୁଥିବା ରୋଗୀମାନେ ହଇରାଣ ହେଉଛନ୍ତି। ଏଥିସହିତ ପେସେଣ୍ଟ ମ୍ୟାନେଜମେଣ୍ଟ ଠିକ୍‌ଭାବେ ହୋଇପାରୁନି। ଅସାମାଜିକ ବ୍ୟକ୍ତିମାନେ ରାତିରେ ଡାକ୍ତରଖାନାରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ସେହିପରି ସୁଇପର ଦୁଇଜଣଙ୍କୁ ବାହାର କରିଦେବା ପରେ ଡାକ୍ତରଖାନା ପରିସର ଅଳିଆ ଆବର୍ଜନା ହୋଇପଡିଛି। ଏ ସମ୍ପର୍କରେ ବୋତଳମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା.ଦେବାଶିଷ ଆଚାର୍ଯ୍ୟ କୁହନ୍ତି, ବେଗୁନିଆ ଡାକ୍ତରଖାନାକୁ ଅଧିକ ସିକ୍ୟୁରିଟି ଗାର୍ଡ ଏବଂ ସୁଇପର ଯୋଗାଇଦେବା ପାଇଁ ସିଡିଏମ୍‌ଓଙ୍କୁ ଚିଠି କରାଯାଇଛି। ସେହିପରି ସିଡିଏମ୍‌ଓ ରାଜଶ୍ରୀ ପଟ୍ଟନାୟକ କୁହନ୍ତି, ସିକ୍ୟୁରିଟି ଏଜେନ୍ସି ପରିବର୍ତ୍ତନ ହେବା ପରେ ଏବେ ନୂତନ ସିକ୍ୟୁରିଟି ଏଜେନ୍ସିକୁ କାର୍ଯ୍ୟ ଭାର ଦିଆଯାଇଛି। ସେ କର୍ମଚାରୀ କମାଇ ଦେଇଥିବ, କ'ଣ ହୋଇଛି ବୋତଳମା ଇନଚାର୍ଜଙ୍କୁ ପଚାରି ବୁଝିବି ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶ୍ରୀ



@ ଅନୀଷା



@ ରାମକୃଷ୍ଣ



@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଭିନ୍ନ ସ୍ଥାନରେ ଇଦ୍-ଉଲ୍-ଫିତର

ଖୋର୍ଦ୍ଧା/ଟାଙ୍ଗୀ/ନିରାକାରପୁର/ଜଟଣୀ, ୩୧।୩
(ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ/ ମାନସ ଚନ୍ଦ୍ର ପଟ୍ଟନାୟକ/ ରବୀନ୍ଦ୍ରନାଥ ମହାକୁଡ଼)

ଭାଇଚାରା ଓ ସଦ୍‌ଭାବନାର ପର୍ବ ଇଦ୍-ଉଲ୍-ଫିତର ସୋମବାର ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେରଙ୍ଗ, ତୋଟାପଡ଼ା, ପାନବରଜ, ତରତୁଆ, ଶରଧାରପୁର, କାଇପଦର, ମୁକୁନ୍ଦପ୍ରସାଦ, ରାଉତପଡ଼ା ଅଞ୍ଚଳରେ ଥିବା ମସ୍‌ଜିଦ୍‌ରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ସକାଳେ ଇସଲାମ୍ ଧର୍ମାବଲମ୍ବୀମାନେ ଏକାଠି ହୋଇ ମସ୍‌ଜିଦ୍‌ରେ ନମାଜ ପାଠ କରିଥିଲେ। ପରେ ପରସ୍ପର ମଧ୍ୟରେ ମିଠା ଖୁଆଇ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ବାଣ୍ଟିଥିଲେ। ସେହିପରି ଟାଙ୍ଗୀ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ରାମେଶ୍ୱର, ଖଜୁରିପଡ଼ା, ଛଣଗିରି, ଗୟାବନ୍ଧ, କୁସୁମୀ ରାଉତପଡ଼ା, ଟାଙ୍ଗୀ, ଦୀକ୍ଷିତପଡ଼ା, ସୋରଣ, ବାଉଁଶମୂଳ ଅଞ୍ଚଳରେ ଥିବା ମସ୍‌ଜିଦ୍‌ରେ ନମାଜ ପାଠ କରାଯାଇଥିଲା। ମୁସ୍‌ଲିମ ଭାଇମାନେ ପରସ୍ପରକୁ ଆଲିଙ୍ଗନକରି ଇଦ୍ ମୁବାରକ ଜଣାଇଥିଲେ। ଗରିବ ଶ୍ରେଣୀର ବ୍ୟକ୍ତିବିଶେଷଙ୍କୁ ନୂତନ ବସ୍ତ୍ର, ମିଠା ଓ ଫଳ ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି ଜଟଣୀର ବିଭିନ୍ନ ସ୍ଥାନରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ଜଟଣୀ ସହରର ୬ଟି ମସ୍‌ଜିଦ ସମେତ ବେଣାପଞ୍ଜାରୀର ଦୁଇଟି, ତରାବୋଇ ଓ ରଥିପୁର ଅଞ୍ଚଳରେ ଥିବା ମସ୍‌ଜିଦ ଓ ଇଦ୍‌ଗାରେ ନମାଜ ପାଠ କରାଯାଇଥିଲା। ନମାଜିମାନେ ନୂତନ ବସ୍ତ୍ର ପରିଧାନକରି ନମାଜ ପାଠ କରିବାକୁ ଆସିଥିବା ଦେଖିବାକୁ ମିଳିଥିଲା। ଶେଷରେ ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।



**ସଂକ୍ଷେପରେ**

## ଜୋର ଧରିଲା ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଦାବି

### ମଧୁ ସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳ, ବିଧାୟିକାଙ୍କୁ ଦାବିପତ୍ର

କଟକ,୩୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଲାଗି ଦାବି ଜୋର ଧରିଲା। ସୋମବାର ଶୈଳବାଳାଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୋରାକବରସ୍ଥିତ ସମାଧିପୀଠରେ ମଧୁସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ଶୈଳବାଳାଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇ ଦାବି କରାଯାଇଛି। ଏହାସହ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ତାଙ୍କ ସରକାରୀ ରେସିଡେନ୍ସ କାର୍ଯ୍ୟାଳୟ ଓ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ତାଙ୍କ କାର୍ଯ୍ୟାଳୟଠାରେ ଭେଟି ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏସମ୍ପର୍କରେ ମଞ୍ଚର ସମ୍ପାଦକ ସନ୍ତୋଷ ମହାରଣା କହିଛନ୍ତି, ରାଜ୍ୟର ପ୍ରଥମ ଓ ଶତାୟୁ ମହିଳା ମହାବିଦ୍ୟାଳୟ ଶୈଳବାଳାକୁ କାହିଁକି ସରକାର ବିଶ୍ୱବିଦ୍ୟାଳୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି। ପୂର୍ବରୁ ବହୁବାର ମଞ୍ଚ ପକ୍ଷରୁ ଏଭଳି ଦାବି କରାଯାଇଛି। କିନ୍ତୁ କଟକ ସହରକୁ ସରକାର ଏଭଳି ଅଣଦେଖା କରିବା ନିନ୍ଦନୀୟ ବୋଲି ମହରଣା କହିଛନ୍ତ। ଅନ୍ୟମାନଙ୍କ ମଧ୍ୟରେ ଶୈଳବାଳା ମହିଳା ମହାବିଦ୍ୟାଳୟର ପୁରାତନ ଛାତ୍ରୀ, ବୁଦ୍ଧିଜୀବୀଙ୍କ ସମେତ ମଞ୍ଚ ପକ୍ଷରୁ ଡ. ନଟବର ଶତପଥୀ, ଅଧିବକ୍ତା ଜଗନ୍ନାଥ ମହାନ୍ତି, ସୁଚିତ୍ରା ସେଠୀ, ବିଜୟିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆମେ ଓଡ଼ିଆ ଆମ ଭାଷା ବଢ଼ିଆ ଭିଡିଓ ମୁକ୍ତିଲାଭ

କଟକ,୩୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ସାବିତ୍ରୀ ମ୍ୟୁଜିକ୍ ପକ୍ଷରୁ ଓଡ଼ିଶା ଦିବସ ଅବସରରେ କଟକ ଅରୁଣଦୟ ନଗରଠାରେ ଥିବା ଷ୍ଟୁଡିଓଠାରେ ଆମେ ଓଡ଼ିଆ ଆମ ଭାଷା ବଢ଼ିଆ ମ୍ୟୁଜିକ୍ ଭିଡ଼ିଓ ସୋମବାର ୟୁଟ୍ୟୁବ୍‌ରେ ମୁକ୍ତି ଲାଭ କରିଛି। ଗୀତିକାର ବିଭୂତି ସ୍ୱାଇଁଙ୍କ ରଚିତ ଏହି ସଙ୍ଗୀତକୁ ପ୍ରଯୋଜକ ଧୀରେନ୍ଦ୍ର ସାହୁ ପ୍ରଯୋଜନା କରିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର। ଏହି ସଙ୍ଗୀତରେ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଓ ସୌରଭ ଭରଦ୍ୱାଜ କଣ୍ଠଦାନ କରିଛନ୍ତି।

## ଓଡ଼ିଶା ଦିବସ: ରିଲିଜ୍ ହେଲା ଭାରି ସ୍ୱାଭିମାନୀ ଓଡ଼ିଆ ଜାତି ସଙ୍ଗୀତ ଭିଡିଓ

କଟକ,୩୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶା ଦିବସ ଉପଲକ୍ଷେ ଏସ୍ଏସ୍ ଆନିମେଶନ ଷ୍ଟୁଡିଓର ଦେଶାତ୍ମବୋଧକ ସଙ୍ଗୀତ 'ଭାରି ସ୍ୱାଭିମାନୀ ଓଡ଼ିଆ ଜାତି'ର ଭିଡିଓ ସୋମବାର ୟୁଟ୍ୟୁବ୍‌ରେ ରିଲିଜ୍ ହୋଇଯାଇଛି। ଗୀତିକାର ଅରୁଣ ମନ୍ତ୍ରୀଙ୍କ ରଚିତ ଏହି ସଙ୍ଗୀତରେ ଅଭିରାମ ଖୁଣ୍ଟିଆ, ସତ୍ୟଜିତ ପ୍ରଧାନ, ପ୍ରଭୁଚରଣ ମହାନ୍ତି, ଅନୁରାଧା ପାଣିଗ୍ରାହୀ ଓ ସ୍ନିଗ୍ଧା ମହାନ୍ତି କଣ୍ଠଦାନ କରିଛନ୍ତି। ଏହାର ସ୍ୱର ସଂଯୋଜନା ସୁଶୀଲ କରିଥିବାବେଳେ ସାଉଣ୍ଡ ଇଞ୍ଜିନିୟର ବୁବୁ ରେକର୍ଡିଂ ଓ ଏଡିଟିଂ କରିଛନ୍ତି। ପ୍ରତାପ ନଗରୀସ୍ଥିତ ଜରିପଡ଼ାଠାରେ ଥିବା ଷ୍ଟୁଡିଓ ପରିସରରେ ଭିଡିଓର ରିଲିଜ ଅବସରରେ ଅତିଥିଭାବେ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀର ରାଜ୍ୟ ସଂଗଠକ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଖବରଦାତା ପ୍ରଫୁଲ୍ଲ କୁମାର ମହାନ୍ତି, ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ନାୟକ, ଶ୍ରୀଜଗନ୍ନାଥ ସେନା ପ୍ରଚାରକ ଶୁଭେନ୍ଦୁ ସ୍ୱାଇଁ, ଚାରଣ ଗୋଷ୍ଠୀର ଲିଙ୍ଗରାଜ ପତି, ପ୍ରକାଶ ପାଣି, କବୟିତ୍ରୀ ଡ. ରାଜଲକ୍ଷ୍ମୀ ଜେନା ଯୋଗ ଦେଇଥିଲେ।

# ଏକଜୁଟ୍ ହୋଇ ଇଦ୍ ପାଳିଲେ ସହରବାସୀ




ମୁସ୍‌ଲିମ୍ ସମ୍ପ୍ରଦାୟର ଭାଇମାନେ ନମାଜ ପାଠ କରୁଛନ୍ତି(ବାମ)। କଟକ ମେୟର ସୁବାସ ସିଂ ଏବଂ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଉଛନ୍ତି।

କଟକ,୩୧।୩ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସହରରେ ସୋମବାର ଇଦ୍ ପାଳନ କରାଯାଇଛି। ଏହି ଅବସରରେ ମସ୍‌ଜିଦଗୁଡ଼ିକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ସକାଳ ସମୟରେ ଅନେକ ମସଜିଦ୍‌ରେ ସ୍ୱତନ୍ତ୍ର ଭାବେ ନମାଜ ପାଠ କରାଯାଇଥିଲା। ସେହିପରି ସତୀଚୌରା ନିକଟ ଇଦ୍‌ଗାଠାରେ ମଧ୍ୟ ସ୍ୱତନ୍ତ୍ର ନମାଜ ପାଠ କରାଯାଇଥିଲା। ଭାଇଚାରର ସହର କଟକରେ ମୁସଲମାନ ଭଉଣୀଭାଇମାନେ ବନ୍ଧୁ ପରିଜନ, ଶୁଭେଚ୍ଛୁ ଓ ମୁରବିଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଇଦ୍ ପର୍ବ ପାଳନରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ମେୟର ସୁବାସ ସିଂ, କଂଗ୍ରେସ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ ପ୍ରମୁଖ ସାମିଲ ହୋଇ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ କଦମ୍-ଇ-ରସୁଲ, ଦରଘାବଜାର, ବକ୍ସିବଜାରଠାରେ ମୁସଲମାନ ଭାଇଙ୍କୁ ସମିତିର ସଭାପତି ମନୋଜ ପଣ୍ଡା, ସମ୍ପାଦକ ଶଶାଙ୍କ ଶେଖରଙ୍କ ସହ ସମିତିର ସମସ୍ତ ସଦସ୍ୟ ରନ୍ଧ୍ୟାଖାଦ୍ୟ ବଣ୍ଟନ କରିଥିଲେ। ଏହି ଅବସରରେ ମେୟର ସୁବାସ କହିଛନ୍ତି, କଟକ ଭାଇଚାରାର ସହର ଏଠାରେ କୌଣସି ବି ପର୍ବ ଗୋଟିଏ ଧର୍ମରେ ସୀମିତ ନ ଥାଏ। ଆଜି ସମସ୍ତେ ଏକଜୁଟ ହୋଇ ଇଦ୍ ପର୍ବକୁ ଧୁମ୍‌ଧାମରେ ପାଳନ କରୁଛୁ ବୋଲି ସିଂ କହିଛନ୍ତି। ସେହିପରି ବିଧାୟିକା ସୋଫିଆ କହିଛନ୍ତି, ତିନିଦିନ ଏବେ ପର୍ବ ପାଳନ କରୁଛୁ। ଆଜି ଇଦ୍ ପର୍ବକୁ ଧୁମ୍‌ଧାମରେ ପାଳନ କରିଛୁ। ସକାଳୁ ନମାଜ ପାଠ କରିବା ପରେ ମୁଖ୍ୟତଃ ସମସ୍ତେ ଏକାଠି ହୋଇ ଏହାକୁ ପାଳୁଛୁ ବୋଲି ବିଧାୟିକା କହିଛନ୍ତି।

## ଚିତ୍ରରେ ଶୋଭାପାଇଲା ଓଡ଼ିଶାର କଳା କାରୁକାର୍ଯ୍ୟ

### ଓଡ଼ିଶା ଦିବସ ଉପଲକ୍ଷେ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ଶିବିର

କଟକ,୩୧।୩ (କାର୍ତ୍ତିକ ସାହୁ)

କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନ ଓ ସମ୍ବଲପୁର ରୋଟାରୀ ଆର୍ଟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଓଡ଼ିଶା ଦିବସ ଉପଲକ୍ଷେ ତିନିଦିନିଆ ପ୍ରଥମ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ କର୍ମଶାଳା ଓ ପ୍ରଦର୍ଶନୀ କଟକ ଆର୍ଟ ଗ୍ୟାଲେରୀ ପରିସରରେ ଚାଲିଛି। ସୋମବାର ଦ୍ୱିତୀୟ ଦିବସରେ କଳାଚର୍ଚ୍ଚା: ଚିତ୍ରକଳାର ଅତୀତ ଓ ଭବିଷ୍ୟତ ସମ୍ପର୍କରେ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚଳଚ୍ଚିତ୍ର ପ୍ରଯୋଜକ ପ୍ରଭାଂଶୁ ସାମନ୍ତରାୟ, ସମ୍ମାନିତ ଅତିଥି କର୍ପୋରେଟର ମୋନାଲିସା ଦାସ, ବରିଷ୍ଠ ଚିତ୍ରଶିଳ୍ପୀ ମନୋଜ କୁମାର ଚୌଧୁରୀ ଓ ଧର୍ମପଦ ପୁରସ୍କାର ବିଜେତା ମହେନ୍ଦ୍ର ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସରକାରୀ ପ୍ରୋତ୍ସାହନ ନ ରହିଲେ ଚିତ୍ରକଳା ଓ ଚିତ୍ରକରଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଗତି କରିବ। ତେଣୁ ଏ ଦିଗରେ ସରକାର ଯତ୍ନବାନ ହେବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଦେଶବିଦେଶରୁ ଅନ୍ୟୂନ ସତୁରି ଜଣ କୁଶଳୀ ଚିତ୍ରଶିଳ୍ପୀ ଯୋଗଦେଇ ଓଡ଼ିଶାର କଳା କାରୁକାର୍ଯ୍ୟ ଉପରେ ଚିତ୍ର ଅଙ୍କନ କରିଛନ୍ତି। ସେଗୁଡ଼ିକ କଟକ ଆର୍ଟ ଗ୍ୟାଲେରିରେ ଶୋଭା ପାଉଛି। କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନର ସମ୍ପାଦକ ସଞ୍ଜୀବ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇ ମଙ୍ଗଳବାର ଶିବିର ଉଦ୍‌ଯାପିତ ହେବ ବୋଲି ସୂଚନା ଦେଇଛନ୍ତି। ଚିତ୍ରଶିଳ୍ପୀ ଜିତେନ୍ଦ୍ର ସାହୁ, ମନୋଜ ଚୌଧୁରୀ, ରଞ୍ଜିତ ବେହେରା, ରଶ୍ମିରେଖା ଧଳ, ଯସ୍ମିନ ସାହୁ, ମନୀଷା କର, ଶୁଚିସ୍ମିତା ଘଡ଼େଇ, ପ୍ରତାପ ପଟ୍ଟନାୟକ, ସ୍ୱରୂପ ଦତ୍ତ, ତରୁଣ ମହାପାତ୍ର, ଦୀନବନ୍ଧୁ ସାହୁ, ଖୋକନ ସରକାର, କୋଏଲ ତୀର୍କି, ରମେଶ ପାତ୍ର, ଶୁଭସ୍ମିତା ହୋତା, ଅରୁଣ ସାହୁ, ବିଦ୍ୟାଧର କୁଅଁର, କାଞ୍ଚିପ୍ରସାଦ ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶିଳ୍ପୀ ସ୍ମିତା ମୁଳିଆ ଧନ୍ୟବାଦ ଦେଇଥିଲେ।



କଟକ ଟାଉନ୍ ହଲ୍‌ରେ ଥିବା ଆର୍ଟ ଗ୍ୟାଲେରୀ ପରିସରରେ ଆୟୋଜିତ ଚିତ୍ରକଳା ଶିବିର।

## ଜାକଜମକରେ ଇଦ୍ ପର୍ବ ପାଳିତ

ଚୌଦ୍ୱାର,୩୧।୩(ଆଶୁତୋଷ ଦାସ)

ଚୌଦ୍ୱାରରେ ଇଦ୍-ଉଲ୍-ଫିତର ପର୍ବ ସୋମବାର ଜାକଜମକରେ ପାଳିତ ହୋଇଯାଇଛି। ଚୌଦ୍ୱାର ମୁସଲିମ୍ ପଞ୍ଚାୟତ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମୁସଲିମ୍ ସମ୍ପ୍ରଦାୟର ଲୋକେ ସକାଳ ୯ଟାରେ ଚାଟେଶ୍ୱରସ୍ଥିତ ଇଦ୍‌ଗା ପଡ଼ିଆରେ ଏକତ୍ରିତ ହୋଇ ସମୂହ କଲମା ପଢ଼ିଥିଲେ। ଚୌଦ୍ୱାର ମସଜିଦ୍‌ର ମୌଲବୀ ଅବଦୁଲ ରହିମ ଉସ୍‌ମାନୀ ନମାଜ ପାଠ ସହ ପବିତ୍ର କୋରାନ୍ ପାଠ କରିଥିଲେ। ପରେ ପରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ପରସ୍ପରକୁ କୋଳାଗ୍ରତ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଚୌଦ୍ୱାର ଆଇଆଇସି ବିଶ୍ୱରଞ୍ଜନ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ଇଦ୍ ଅଭିନନ୍ଦନ ଜଣାଇଥିଲେ। ମୁସ୍‌ଲିମ ପଞ୍ଚାୟତ ସଭାପତି ସେକ୍ ସାଜିଦ୍ ଚାନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ନସିମ୍ ଖାନ୍‌ଙ୍କ ସମେତ ସ୍ଥାନୀୟ ଯୁବଗୋଷ୍ଠୀ ପରିଚାଳନା କରିଥିଲେ। ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ସ୍ୱାସ୍ଥ୍ୟପ୍ରଦ ସାମଗ୍ରୀ ପାଇଁ ରୁଚି ଆଜି ଆଗରେ

### ରନ୍ଧନ ବିଶେଷଜ୍ଞଙ୍କୁ ରୁଚି ପକ୍ଷରୁ ସମ୍ବର୍ଦ୍ଧନା

କଟକ,୩୧।୩(କାର୍ତ୍ତିକ ସାହୁ)

ଅଷ୍ଟମ ରାଜ୍ୟସ୍ତରୀୟ ରନ୍ଧନ ବିଶେଷଜ୍ଞମାନଙ୍କ ସମ୍ମିଳନୀ (କ୍ୟାଟର୍‌ସ୍ ମିଟ୍) ଭୁବନେଶ୍ୱରର ପୁରୀ ବାଇପାସ୍ ରୋଡ୍‌ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ୟାଟରିଙ୍ଗ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଆସୋସିଏଶନର ସର୍ବଭାରତୀୟ ସଭାପତି ନରେନ୍ଦ୍ର ସୋମାନି, ସମ୍ପାଦକ କିରୀଟ ବୁଦ୍ଧଦେବ ଓ ଦକ୍ଷିଣାଞ୍ଚଳ ଜୋନ୍ ମୁଖ୍ୟ ଅତୁଲ ମେହେଟ୍ଟା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ଏକନମ୍ବର ମସଲା ବ୍ରାଣ୍ଡ ଭାବେ ପରିଚିତ ରୁଚି ଫୁଡ୍ ଲାଇନ୍ ପକ୍ଷରୁ ଯୋଗ ଦେଇଥିବା ୩୦୦ଜଣ ରନ୍ଧନ ବିଶେଷଜ୍ଞଙ୍କୁ ଉପହାର ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ରୁଚି ସେଲ୍‌ସ ମୁଖ୍ୟ ଦିଲ୍ଲୀପ କୁମାର ସାହୁ, କ୍ୱାଲିଟି କଣ୍ଟ୍ରୋଲ(କ୍ୟୁସି) ମୁଖ୍ୟ ଅଶୋକ ନାୟକ ରୁଚି ଉଚ୍ଚ ଗୁଣମାନ ଓ ସ୍ୱାସ୍ଥ୍ୟପ୍ରଦ ମସଲା, ସିମେଇ, ପାସ୍ତା ଓ ଚା' ସାମଗ୍ରୀ ପାଇଁ ଲୋକମାନଙ୍କ ପାଖରେ ବିଶେଷ ଗ୍ରହଣୀୟ ହୋଇପାରିଛି ବୋଲି କହିଥିଲେ। କର୍ପୋରେଟ ସେଲ୍‌ସର ସାଇ ସମ୍ବିତା ନାୟକ ରାଜ୍ୟର ରନ୍ଧନ ବିଶେଷଜ୍ଞମାନଙ୍କ ବ୍ୟବସାୟିକ ଅଭିବୃଦ୍ଧି ଓ ବିକାଶ ପାଇଁ ରୁଚି ସବୁବେଳେ କାର୍ଯ୍ୟ କରି ଆସୁଛି ଏବଂ ସେମାନଙ୍କ ସହଭାଗିତା ଆଜି ରୁଚିକୁ ଶୀର୍ଷରେ ପହଞ୍ଚାଇଛି ବୋଲି କହିଥିଲେ। ରାଜ୍ୟ ସଂଘର ସଭାପତି ବିନୟ ଭୂଷଣ ପଟ୍ଟନାୟକ ଓ ସମ୍ପାଦକ ଦେବୀ ପ୍ରସାଦ ରଥ 'ରୁଚି' ଅନୁଷ୍ଠାନର ବିଭାଗୀୟ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରୁଚି ମାର୍କେଟିଂ ବିଭାଗର ପ୍ରଶାନ୍ତ କୁମାର ପାତ୍ର, ଉଷାରାଣୀ ପାଣି, ଶୁଭାଶିଷ ଜେନା, ସାଗର ରଞ୍ଜନ ବାରିକ, ରାମଚନ୍ଦ୍ର ବାରିକ ଓ ସୋନାଲି ସାହୁ ପ୍ରମୁଖ ଯୋଗ ଦେଇଥିଲେ।



 କ୍ୟାଟରିଙ୍ଗ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଆୟୋଜିତ ସମ୍ମିଳନୀରେ ରନ୍ଧନ ବିଶେଷଜ୍ଞଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଇଦ୍ ପର୍ବରେ ସାମିଲ ହେଲେ ବିଧାୟକ ରଣେନ୍ଦ୍ର

ମଙ୍ଗୁଳି-ଜଗତପୁର, ୩୧।୩(ମାନସ ସାମଲ)

ଟାଙ୍ଗୀ ଚୌଦ୍ୱାର ବ୍ଲକ ଡାଳିଯୋଡ଼ା ବ୍ରହ୍ମପୁରସ୍ଥିତ ମସ୍‌ଜିଦ ନିକଟରେ ସ୍ଥାନୀୟ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଇଦ୍ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସେକ୍ ସାହାଜାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ୍ ଶୋବନ, ସେକ୍ ଜାହିର, ସେକ୍ ଅମନ, ସେକ୍ ତହିର, ସେକ୍ ଆଲାମ, ଅସରାଫ ଖାନ, ଜଗନ୍ନାଥ ଦାସ, ସରୋଜ ଖଟୁଆ, ଅଶୋକ ପରିଡ଼ା, ଅଜୟ ପାତ୍ର, ବିଜୟ ଜେନା, ସେକ ରାହେମନ, ସେକ୍ ରାମଜାନ, ସେକ୍ ହସନ, ମମଦଲୀ ଖାନ, ଛୋଟୁ ଖାନ, ପିରୁ ଖାଁ, ସେକ୍ ରଜନ, ସେକ୍ ଲୋକମାନ, ସେକ୍ ମନାନ, ସେକ୍ ହନାନ ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀଙ୍କ ସହ ଇଦ ପର୍ବ ପାଳନ କରିଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶ୍ରୀ



@ ଅନିଷା



@ ରାମକୃଷ୍ଣ



@ ସୁମନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଓଡ଼ିଶା ଜୀବିକା ମିଶନ ଇସି କର୍ମୀଙ୍କୁ ପୁନଃନିଯୁକ୍ତି ଦାବି

କଟକ,୩୧।୩(ଶିଳ୍ପା ପ୍ରିୟଦର୍ଶିନୀ)

ଭାରତୀୟ ମଜଦୁର ସଂଘ ପକ୍ଷରୁ ଓଡ଼ିଶା ଜୀବିକାମିଶନ କାର୍ଯ୍ୟକାରୀ କମିଟି(ଇସି) ସଂଘର ଏକ ବୈଠକ ସୋମବାର ବକ୍ସିବଜାରସ୍ଥିତ ପାନ୍ଥନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଯୋଗମାୟା ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାର ଜୀବିକା ମିଶନ ପୁନର୍ଗଠନ ନାମରେ ଜୀବିକା ମିଶନ ମହିଳାଙ୍କୁ ଉଚ୍ଛେଦ କରିବା ଘଟଣାକୁ ବିରୋଧ ଜୋର ଧରିଥିଲା। ବୈଠକରେ ସଂଘର ସମ୍ପାଦିକା ବୀଣାପାଣି ପାତ୍ର ଯୋଗଦେଇ କହିଛନ୍ତି, ରାଜ୍ୟରେ ଏକ ଲକ୍ଷ ୬୫ ହଜାର ଏବଂ କଟକ ଜିଲାରେ ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ସରକାରଙ୍କ ଏହି ୩ ବର୍ଷିଆ ଯୋଜନାରେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରି ଆସୁଛନ୍ତି। ଏପ୍ରିଲ ୧ ତାରିଖରୁ ୩ ବର୍ଷିଆ ଯୋଜନା ପୁନର୍ଗଠନ କରି ଜୀବିକା ମିଶନ ମହିଳାଙ୍କୁ ଉଚ୍ଛେଦ କରାଯାଉଛି। ଦୀର୍ଘଦିନ ଧରି କଟକ ଜିଲା ସମେତ ରାଜ୍ୟରେ ସରକାରଙ୍କ ୩ ବର୍ଷିଆ ଯୋଜନାରେ ଜୀବିକା ମିଶନ ମହିଳାମାନେ ଋଣଗ୍ରସ୍ତ ହୋଇ ପଡ଼ିଛନ୍ତି। ତେଣୁ ଏହି ମହିଳାମାନେ ଋଣଗ୍ରସ୍ତରୁ ମୁକ୍ତ ନ ହେବା ପର୍ଯ୍ୟନ୍ତ ଏମାନଙ୍କୁ ସୁଯୋଗ ଦେବା ସହିତ ପୂର୍ବପରି କାର୍ଯ୍ୟରେ ନିୟୋଜିତ କରିବା ଏବଂ ସେମାନଙ୍କୁ ପୁନଃନିଯୁକ୍ତି ଦିଆଯାଉ ବୋଲି ମତବ୍ୟକ୍ତ କରିଥିଲେ। ବୈଠକରେ ଭାରତୀୟ ମଜଦୁର ସଂଘର ବରିଷ୍ଠ ସଦସ୍ୟ ବସନ୍ତ କୁମାର ସାହୁ, ଉପସଭାପତି ପ୍ରତିମା ମିଶ୍ର, ସହ-ସମ୍ପାଦିକା ରୋଜାଲିନ ମହାନ୍ତି, ପୁଷ୍ପଲତା ଜେନା, ଶୈଳବାଳା ରଥ, ଦମୟନ୍ତୀ ସାହୁ, ସୁଜାତା ପ୍ରଧାନ, ମୀରା ମହାନ୍ତି, ପଙ୍କଜିନୀ ପଟେଲ, ମାଧବୀଲତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

**ଫଟୋରେ ଖବର**



ପ୍ରତାପ ନଗରସ୍ଥିତ ଜରିପଡ଼ାଠାରେ ଥିବା ଏସ୍ଏସ୍ ଆନିମେଶନ ଷ୍ଟୁଡିଓଠାରେ ମ୍ୟୁଜିକ୍ ଭିଡିଓ ରିଲିଜ୍ ଅବସରରେ ଉପସ୍ଥିତ ଅତିଥି।



ମା' ବାସନ୍ତୀ ଦୁର୍ଗା ପୂଜା ପାଇଁ ଚାନ୍ଦିନଚୌକ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପ୍ରସ୍ତୁତି ଚାଲିଛି।



ନୟାସଡ଼କ ଅଞ୍ଚଳରୁ ବାହାରିଥିବା ଗଣ ଗୌର ମୃଣ୍ମୟୀ ପ୍ରତିମା ବିସର୍ଜନ ଶୋଭାଯାତ୍ରାରେ ସାମିଲ୍ ଯୁବତୀଯୁବକ।

(ଫଟୋ: ରାଜକିଶୋର ମହାନ୍ତି)

**ସାଇକେଲ ଚଲାଅ, ସୁସ୍ଥ ରୁହ ବାର୍ତ୍ତା ନେଇ ଭାରତ ଭ୍ରମଣ**

ଗୋପ,(ଭାରତୀ ଭୂଷଣ ଉପାଧ୍ୟାୟ)-ସାଇକେଲ ଚଲାଅ ସୁସ୍ଥ ରୁହ। ଏଭଳି ଏକ ସୁନ୍ଦର ବାର୍ତ୍ତା ଦେଇ ଆନ୍ଧ୍ରପ୍ରଦେଶର ଯୁବକ ମେରେଗୁଲା ରାଜରାଜୁ (୩୨) ଭାରତ ଭ୍ରମଣ କରୁଛନ୍ତି। ମେରେଗୁଲା ଜଣେ ଫିଟ୍‌ନେସ୍ କୋଚ ହୋଇଥିବାବେଳେ ସେ ଆନ୍ଧ୍ରପ୍ରଦେଶରୁ ୩ ମାସ ହେବ ଏହି ସାଇକେଲ ଯାତ୍ରା ଆରମ୍ଭ କରି ମଙ୍ଗଳବାର ଗୋପଠାରେ ପହଞ୍ଚିଛନ୍ତି। ସୁସ୍ଥ ରହିବା ସହ ପ୍ରକୃତିକୁ ବଞ୍ଚାଇବା ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସେ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲିବା ସହ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ଏଭଳି ବାର୍ତ୍ତା ଦେଇ ସଚେତନତା ସୃଷ୍ଟି କରୁଛନ୍ତି। ସେ ଅନେକ ସ୍କୁଲକୁ ଯାଇ ସାଇକେଲ ଚଲାଅ ସୁସ୍ଥ ରୁହ ଓ ପରିବେଶ ବଞ୍ଚାଇବାକୁ ସଚେତନ କରୁଛନ୍ତି। ତାଙ୍କୁ ପୂରା ଭାରତ ଭ୍ରମଣ କରିବାକୁ ଆଉ ୬ ମାସ ସମୟ ଲାଗିବ ବୋଲି କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୩।୨୦୨୫

| | |
|---|---|
| ୮,୮୩,୯୮୬ ଟଙ୍କା | |
| ସୁନା | ୪.୧୫୦ ଗ୍ରାମ୍ |
| ରୁପା | ୧୮.୧୦୦ ଗ୍ରାମ୍ |

# ହ୍ରାସପାଉଛି ପୁରୀର ଭୂତଳ ଜଳସ୍ତର

## ଚୁପ୍ ବସିଛି ପ୍ରଶାସନ, ବୁଦ୍ଧିଜୀବୀଙ୍କ ଉଦ୍‌ବେଗ

ପୁରୀ,୩୧।୩(ଅଜିତ୍ କୁମାର ମହାନ୍ତି)

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ତଥା ଆଧ୍ୟାତ୍ମିକସ୍ଥଳ ପୁରୀ ସହରର ଭୂତଳ ଜଳସ୍ତର ପ୍ରଦୂଷିତ ହେବା ସହ ହ୍ରାସ ପାଇବାରେ ଲାଗିଛି। ହୋଟେଲ ଓ ଆପାର୍ଟମେଣ୍ଟ ଦ୍ୱାରା ଅବାଧ ଜଳ ଉତ୍ତୋଳନ କାରଣରୁ ଜଳସ୍ତର ଦିନକୁ ଦିନ ହ୍ରାସ ପାଉଥିବା ଜଣାପଡ଼ିଛି। ଅପରପକ୍ଷରେ ଦୀର୍ଘବର୍ଷ ଧରି ଗ୍ରାଉଣ୍ଡ ୱାଟର ରିଚାର୍ଜ ପଏଣ୍ଟ ଓ ରେନ୍‌ୱାଟର ହାର୍ଭେଷ୍ଟିଂ ପ୍ରୋଜେକ୍ଟ ବିଫଳ ହୋଇଛି। ବୁଦ୍ଧିଜୀବୀମାନେ ଏ ନେଇ ଚିନ୍ତା ପ୍ରକଟ କରିଛନ୍ତି।

କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ଦ୍ୱାରା ପ୍ରସ୍ତୁତ ଗ୍ରାଉଣ୍ଡ ୱାଟର କ୍ୱାଲିଟି ଇନ୍ ସାଲୋ ଆକ୍ୱିଫାୟାର୍ସ ଅଫ୍ ଇଣ୍ଡିଆ ସର୍ଭେ ରିପୋର୍ଟ-୨୦୨୩ରେ ଉଲ୍ଲେଖ ଥିବା ତଥ୍ୟ ଅନୁଯାୟୀ, ପୁରୀ ସହରର ଭୂତଳ ଜଳସ୍ତରରେ କ୍ଲୋରାଇଡ, ଫ୍ଲୋରାଇଡ, ଆଇରନ, ଟିଡିଏସ୍ ସହ ଏବେ ନାଇଟ୍ରେଟ ପରିମାଣ ବୃଦ୍ଧି ପାଉଛି। ଶ୍ରୀକ୍ଷେତ୍ର ଜଳସ୍ତର କ୍ରମାଗତ ନିମ୍ନଗାମୀ ହେଉଥିବାବେଳେ ଶ୍ରୀମନ୍ଦିର ପରିସରରେ ୪ ବର୍ଷରେ ୧.୬ ମିଟର ଜଳସ୍ତର କମିଛି। ଶ୍ରୀଲୋକନାଥ ମନ୍ଦିର ପରିସରରେ ବର୍ଷକରେ ୧.୭୧ ମିଟର ଏବଂ ଗ୍ରାଣ୍ଡରୋଡ୍‌ରେ ୩ ମିଟରରୁ ଉର୍ଦ୍ଧ୍ୱ ଜଳସ୍ତର ହ୍ରାସ ପାଇଛି। ହେରାଗୋହିରି ସାହିରେ ୪.୨୬ ମିଟର ଜଳସ୍ତର ହ୍ରାସ ହେବା ସଙ୍କଟ ସୃଷ୍ଟି କରିଛି। ରିପୋର୍ଟ ମୁତାବକ, ପ୍ରତି ୧ ଲିଟର ପାଣିରେ ୪୫ ମିଲିଗ୍ରାମରୁ କମ୍ ନାଇଟ୍ରେଟ୍ ରହିଲେ ତାହା ଶରୀର ସହନ କରିପାରେ। କିନ୍ତୁ ଉପରୋକ୍ତ ରିପୋର୍ଟ ଆଧାରରେ ଗୋବର୍ଦ୍ଧନ ମଠରେ ୧ ଲିଟର ପାଣିରେ ୭୬ ମିଲିଗ୍ରାମ୍, ଜଗନ୍ନାଥ ମନ୍ଦିରରେ ୪୯, ସିଦ୍ଧମହାବୀରରେ ୫୭, ଦୋଳମଣ୍ଡପ ସାହିରେ ୪୭ ମିଲିଗ୍ରାମ୍ ନାଇଟ୍ରେଟ ରହିଛି। ସେହିପରି ଆଳିପଡ଼ା, ବୁଢ଼ିଆବର, ଡେଲାଙ୍ଗ ଓ ସାତପଡ଼ାରେ ମଧ୍ୟ ଲିଟର ପିଛା ୪୫ ମିଲିଗ୍ରାମରୁ ଉର୍ଦ୍ଧ୍ୱ ନାଇଟ୍ରେଟ ରହିବା ଏବେ ଚିନ୍ତାର କାରଣ ପାଲଟିଛି। ଏନେଇ ଆଇନଜୀବୀ ଶରତ କୁମାର ରାଏଗୁରୁ କହିଛନ୍ତି, ଆଗାମୀ ଦିନରେ ଜଳ ସଂକଟ ଯୋଗୁ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବ। ଯେଉଁ ପରିମାଣରେ ଜଳ ସମୁଦ୍ରକୁ ବୋହିଯାଉଛି, ତାହାକୁ ଯଦି ଷ୍ଟୋରେଜ କରି ରଖାଯାଇପାରନ୍ତା ତେବେ ଜଳସଙ୍କଟ ସୃଷ୍ଟି ହୁଅନ୍ତା ନାହିଁ। ଭୂତଳ ଜଳ କମି କମି ଗଲାଣି। ଫଳରେ ପୁରୀର ଭୂଭାଗ ଜଳସ୍ତର ତଳକୁ ହେବାରେ ଲାଗିଛି। ମୁଖ୍ୟତଃ ପୁରୀର ମଧୁର ଜଳ ଏରିଆ ରହିଥିଲା, ସେଥିରେ ଜଳ ସଂରକ୍ଷଣ କରାଯାଉଥିଲା। ଏଥିଯୋଗୁ ଜଳସ୍ତର ସୃଷ୍ଟି ହେଉଥିଲା, ଯାହା ଏବେ ହୋଇପାରୁନାହିଁ। ମଧୁର ଜଳ ସ୍ଥାନକୁ ଦଖଲ କରି ବୋରିଂ କରାଯାଇଛି। ବହୁ ପରିମାଣରେ ପାଣି ଉଠାଯାଉଥିବାରୁ ତଳସ୍ତର ପାଣି କମୁଛି। ସରକାର ଏ ଦିଗରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ସହ ପଦକ୍ଷେପ ନେବା ଆବଶ୍ୟକ। ସେହିପରି ସାମାଜିକ କର୍ମୀ ହେକ୍ଟର ମିଶ୍ର କହିଛନ୍ତି, ମଧୁର ଜଳ ସରଂକ୍ଷଣ ନେଇ ଏକ ଦଶନ୍ଧି ଧରି ଆନ୍ଦୋଳନ କରିଆସୁଛୁ। ପୁରୀ ଏକ ବିରଳ ଭୂମି, କାରଣ ସମୁଦ୍ରଠାରୁ ୧ କିମି ଭିତରେ ମଧୁର ଜଳ ଗଚ୍ଛିତ ରହିଛି। ବିଗତ ଦିନରେ ମହାପ୍ରଭୁଙ୍କ ମହାପ୍ରସାଦ ନିମନ୍ତେ ବ୍ୟବହାର ହେଉଥିବା କୂଅର ପାଣି କମିଯାଇଥିଲା। ପୁରୀରେ ପ୍ରତ୍ୟେକ ଦିନ ୭୦ ହଜାର ଲୋକ ପାଣି ବ୍ୟବହାର କରୁଛନ୍ତି। ପୁରୀରେ ଗଢ଼ିଉଠିଥିବା ହୋଟେଲ ଶିଳ୍ପ ବେଆଇନ ଭାବେ ଜଳ ଉତ୍ତୋଳନ କରୁଛନ୍ତି। ତେଣୁ ଆଗାମୀ ଦିନରେ ଜଳସ୍ତର ଆହୁରି କମିବ। ଜନସାଧାରଣ ସମସ୍ୟା ଭୋଗିବେ। ତେଣୁ ସମସ୍ୟାକୁ ଦୂର କରିବା ନିମନ୍ତେ ବେଆଇନ ବୋରିଂ ମାଧ୍ୟମରେ ପାଣି ଉତ୍ତୋଳନକୁ ବନ୍ଦ କରିବାକୁ ପଡ଼ିବ। ସେହିପରି ବର୍ଷାଜଳକୁ ସଂରକ୍ଷଣ କରାଯିବା ଆବଶ୍ୟକ। ଅନ୍ୟପକ୍ଷରେ ଏନେଇ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ପୁରୀରେ ଜଳସ୍ତର କମିବା ଘଟଣା ସତ, କିନ୍ତୁ ଜଳସଂକଟ ସ୍ଥିତି ନାହିଁ। କାରଣ ପୁରୀରେ ୱାଟର ଟ୍ରିଟ୍‌ମେଣ୍ଟ କରାଯାଇ ଜନସାଧାରଣଙ୍କୁ ୨୪ ଘଣ୍ଟିଆ ପାଣି ଯୋଗାଇ ଦିଆଯାଉଛି। ଯାହା ଭାରତରେ ପ୍ରଥମଥର ପୁରୀରେ ହୋଇଛି। ଜଳସ୍ତର ବୃଦ୍ଧି ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି।



ପୁରୀ ଉପକଣ୍ଠ ଏକ ମସ୍‌ଜିଦ୍‌ରେ ଇଦ୍ ଅବସରରେ ମୁସଲମାନ୍ ଭାଇମାନେ ନମାଜ୍ ପାଠ କରୁଛନ୍ତି ।

## ସଂକ୍ଷେପରେ

### ଏପ୍ରିଲ ୧ରୁ ୧୪ ପର୍ଯ୍ୟନ୍ତ ପାଳନ ହେବ ଓଡ଼ିଆ ପକ୍ଷ

ପୁରୀ,୩୧।୩(ଅଜିତ୍ କୁମାର ମହାନ୍ତି)

ଏପ୍ରିଲ୍ ୧ରୁ ୧୪ ପର୍ଯ୍ୟନ୍ତ ପୁରୀ ଜିଲାରେ ଜିଲାସ୍ତରଠାରୁ ବ୍ଲକ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବା ନିମନ୍ତେ ପ୍ରସ୍ତୁତି ବୈଠକ ସୋମବାର ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ସର୍କିଟ୍‌ହାଉସ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦିବସ ଠାରୁ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି ପକ୍ଷ ପାଳନ ହେବ। ତେଣୁ ପ୍ରତ୍ୟେକ ବିଭାଗ ଏହି ପକ୍ଷ ପାଳନରେ ସେମାନଙ୍କ ବିଭାଗକୁ ସାମିଲ ପାଇଁ ଅତିରିକ୍ତ ଜିଲାପାଳ ଭୋଇ ପରାମର୍ଶ ଦେଇଛନ୍ତି। ଏପ୍ରିଲ୍ ୧ରୁ ୧୪ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ପାଇଁ ସରକାରଙ୍କ ପରାମର୍ଶ ରହିଥିବାରୁ ଏହାକୁ ବିଭିନ୍ନ ବିଭାଗ ଉଲ୍ଲାସ ଓ ଉଦ୍ଦୀପନାର ସହ ପାଳନ କରିବାକୁ ଭୋଇ ଅନୁରୋଧ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ହସ୍ତତନ୍ତ୍ର ଉପନିର୍ଦ୍ଦେଶକ ଉମାପତି ବେହେରା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସମସ୍ତ ସହରାଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

### ଟ୍ରାଫିକ୍‌ରେ ଘଣ୍ଟାଏ ଅଟକିଲା ୨ ଆମ୍ବୁଲାନ୍ସ

ଗୋପ,୩୧।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-ବାଲିଘାଇ ରାସ୍ତାର ଗୋପ ନିକଟସ୍ଥ କୁଶଭଦ୍ରା ନଦୀ ବନ୍ଧ ଉପରେ ସୋମବାର ରାତି ୧୦ଟା ସମୟରେ ୨ଟି ଆମ୍ବୁଲାନ୍ସ ଅଟକି ରହିଥିଲା। ଆତସବାଜି ପ୍ରତିଯୋଗିତା ସହ ଗୋପ ଲୋକ ମହୋତ୍ସବ ଲାଗି ବହୁ ସଂଖ୍ୟକ ଲୋକଙ୍କ ସମାଗମ ହେତୁ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ଫଳରେ ଗୋଟିଏ ଆମ୍ବୁଲାନ୍ସ ଗୋପ ନାଗପୁର ନିକଟସ୍ଥ ଦଳବା ଗାଁକୁ ରୋଗୀ ଆଣିବାକୁ ଯାଉଥିବାବେଳେ ଆଉ ଏକ ଆମ୍ବୁଲାନ୍ସ ବାଲିଘାଇ ଅଞ୍ଚଳରୁ ଜଣେ ରୋଗୀ ଗୋପ ଡାକ୍ତରଖାନା ଆଣୁଥିବାବେଳେ ଘଣ୍ଟାଏ ଧରି ଟ୍ରାଫିକ୍‌ରେ ଅଟକି ରହିଥିଲା। ଖବର ପାଇ ଗୋପ ଥାନା ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ କରାଯାଇଥିଲା।

## ଟ୍ରାନ୍ସଜେଣ୍ଡର ଦୃଶ୍ୟମାନତା ଦିବସ ପାଳିତ

ପୁରୀ, ୩୧।୩(ଅଜିତ୍ କୁମାର ମହାନ୍ତି)

ଟ୍ରାନ୍ସଜେଣ୍ଡର ଦୃଶ୍ୟମାନତା ଦିବସ ପାଳନ ଅବସରରେ ପୁରୀ ସଦ୍‌ଭାବନା ଗୃହରେ ଟ୍ରାନ୍ସଜେଣ୍ଡରମାନଙ୍କ ର‌୍ୟାମ୍ପ ୱାକ୍ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜରିଆରେ ସଚେତନତା ସୃଷ୍ଟି କରାଯାଇଛି। ବିଭିନ୍ନ ବ୍ୟାନର ଓ ପୋଷ୍ଟର ଧରି ନିଜ ଅଧିକାର ପାଇଁ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଶେଷରେ ସେମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଟ୍ରାନ୍ସଜେଣ୍ଡରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। 'ପ୍ରତି ଟ୍ରାନ୍ସଜେଣ୍ଡର କିନ୍ନର ନୁହଁ, ଆଇନ ଆମର ଅଧିକାରକୁ ସୁରକ୍ଷିତ ରଖେ' ଭଳି ବିଭିନ୍ନ ସଚେତନତା ବାର୍ତ୍ତା ଟ୍ରାନ୍ସଜେଣ୍ଡରମାନେ ଦେଇଥିଲେ। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ପୁରୀ ଜିଲା କିନ୍ନର ସଂଘ, ସାଥୀ ଏନ୍‌ଜିଓ ଏବଂ ଦ ବେଲ୍ ଏନ୍‌ଜିଓ ଏହି କାର୍ଯ୍ୟକ୍ରମ ଆୟୋଜନରେ ଜିଲା ପ୍ରଶାସନକୁ ସହଯୋଗ କରିଛି। କାର୍ଯ୍ୟକ୍ରମରେ ଜିଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ପୁରୀ ଜିଲା ପ୍ରୋଗ୍ରାମ ମ୍ୟାନେଜ୍‌ମେଣ୍ଟ ୟୁନିଟ୍‌ର ପରାମର୍ଶଦାତା ସିଦ୍ଧାର୍ଥ ରାୟ, ପୁରୀ ଜିଲା କିନ୍ନର ସଂଘର ସଦସ୍ୟ ଦେବକୀ କିନ୍ନର, ପ୍ରିୟାଂଶୀ ଦାସ, ବାବୁନି ସାହୁ ପ୍ରମୁଖ ସାମିଲ ଥିଲେ। ବର୍ତ୍ତମାନ ପୁରୀରେ ୮୦ରୁ ଅଧିକ ଟ୍ରାନ୍ସଜେଣ୍ଡର ରହୁଛନ୍ତି। ଗତ ଦଶନ୍ଧି ମଧ୍ୟରେ ସାମାଜିକ ଓ ଆଇନଗତ ପରିବେଶରେ ଅନେକ ପରିବର୍ତ୍ତନ ହୋଇଛି। ସମଗ୍ର ଦେଶ ତଥା ଓଡ଼ିଶାରେ ଟ୍ରାନ୍ସଜେଣ୍ଡରମାନଙ୍କ ଅଧିକାର ସୁନିଶ୍ଚିତ କରାଇବା ଦିଗରେ ଅନେକ ପ୍ରଗତିଶୀଳ ଆଇନ, ନୀତି ଏବଂ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଟ୍ରାନ୍ସଜେଣ୍ଡରଙ୍କ ସମାନତା ଏବଂ ନ୍ୟାୟକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱୀକୃତି ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।




ଟ୍ରାନ୍ସଜେଣ୍ଡର ଦୃଶ୍ୟମାନତା ଦିବସର ଅବସରରେ ଟ୍ରାନ୍ସଜେଣ୍ଡରମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରୁଛନ୍ତି ।

## ୪ରୁ ପାଳିଆ ସେବାୟତଙ୍କ ପ୍ରଶିକ୍ଷଣ ଶିବିର

ପୁରୀ,୩୧।୩(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରା ପୂର୍ବରୁ ପ୍ରଶିକ୍ଷଣ ନେବେ ଶ୍ରୀମନ୍ଦିର ପାଳିଆ ସେବାୟତ। ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳା, ସୁରକ୍ଷିତ ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ଶ୍ରୀମନ୍ଦିର ସେବକଙ୍କ ଆଚରଣ, ବ୍ୟବହାର ଓ ସମୟାନୁବର୍ତ୍ତିତା ଉପରେ ନିର୍ଭରକରେ, ଯାହାକୁ ନେଇ ଏପ୍ରିଲ୍ ୪ ଓ ୫ରେ ନୀଳାଦ୍ରି ଭକ୍ତନିବାସରେ ପ୍ରଶିକ୍ଷଣ ଶିବିର କରାଯିବ। ଏହି ଶିବିରରେ ଗଜପତି ମହାରାଜ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଜିଲାପାଳ ଓ ଏସ୍‌ପି ମଧ ସେବକଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ମିଳିଛି। ରଥଯାତ୍ରା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବଡ଼ ପ୍ରୟାସ ଆରମ୍ଭ କରାଯାଉଛି। ମହାପ୍ରଭୁଙ୍କ ନୀତିକାନ୍ତ ଶୃଙ୍ଖଳା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଭକ୍ତଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିରରେ ପାଳିଆ ସେବାୟତ ଓ ଯୁବ ସେବାୟତମାନଙ୍କର ଟ୍ରେନିଂ ସେସନ୍ କରାଯିବାକୁ ନେଇ ବ୍ୟବସ୍ଥା କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ସହ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ, ମହାପ୍ରଭୁଙ୍କ ନୀତିକାନ୍ତି ଉପରେ ଅଭିଜ୍ଞ ଓ ବରିଷ୍ଠ ସେବାୟତମାନେ ଯୋଗଦେଇ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି। ଏପ୍ରିଲ୍ ୨ ସୁଦ୍ଧା ସମସ୍ତ ନିଯୋଗ ପ୍ରଶିକ୍ଷଣ ନେବାକୁ ଥିବା ପାଳିଆ ସେବାୟତଙ୍କ ନାମ, ଠିକଣା ଓ ଯୋଗାଯୋଗ ନମ୍ବର ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାଖଲ କରିବା ସହ ପଞ୍ଜୀକରଣ କରିବାକୁ କୁହାଯାଇଛି। ରଥଯାତ୍ରା ପୂର୍ବରୁ ପ୍ରଶିକ୍ଷଣ ଶିବିର ସେବକଙ୍କ ଉପରେ ବଡ଼ଧରଣର ପ୍ରଭାବ ପକାଇବା ସହ ଭକ୍ତଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନରେ ବେଶ୍ ସହାୟକ ହେବ ବୋଲି ମତପ୍ରକାଶ ପାଇଛି। ମହାପ୍ରଭୁଙ୍କ ପହଣ୍ଡି ସମୟରେ ଯେଭଳି ପୂର୍ବବର୍ଷ ଭଳି ଅଘଟଣ ନ ହେବ, ପହଣ୍ଡି ସମୟରେ ଚତୁର୍ଦ୍ଧାବିଗ୍ରହଙ୍କ ଶ୍ରୀଅଙ୍ଗର ସୁରକ୍ଷା ସମେତ ରଥ ଉପରେ ମହାପ୍ରଭୁଙ୍କ ସହ ସେଲ୍‌ଫି କିଭଳି ସେବାୟତମାନେ ନ ନେବେ ସେନେଇ ବିଶେଷ ଧ୍ୟାନ ଦେବାକୁ ଅନୁରୋଧ କରାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶ୍ରୀ



@ ଅନିଷା



@ ରାମକୃଷ୍ଣ



@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ହିନ୍ଦୁ ନବବର୍ଷ ପାଳିତ

ପୁରୀ, ୩୧।୩(ଅଜିତ୍ କୁମାର ମହାନ୍ତି)

ଜଗନ୍ନାଥବଲ୍ଲଭ ମଠ ପରିସରରେ କ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିର୍ବାସ୍ତୁ ଗବେଷଣା ପ୍ରତିଷ୍ଠାନ ଓ ପତିତପାବନ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ସହ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଧ୍ୟାପକ ଡ. ବଳରାମ ଦାଶ ଅଧ୍ୟକ୍ଷତା କରି ସନାତନ ଧର୍ମ ଓ ରାଷ୍ଟ୍ରୀୟ ନବବର୍ଷ ହିନ୍ଦୁମାନଙ୍କର ମହାନ୍ ଦିବସ ଓ ଏହାର ମାହାତ୍ମ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## ରେନ୍‌ବୋ କ୍ଲବକୁ ହରାଇ ପୁରୀ କ୍ଲବ୍ ଚାମ୍ପିୟନ

### ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ

ନିମାପଡ଼ା, ୩୧।୩
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ପ୍ରଥମ ଜିତେନ୍ ବରାଳ ସ୍ମାରକୀ ଭଲିବଲ୍ ଟୁର୍ନାମେଣ୍ଟ ବାରବାଟୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ମୋଟ ୪ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଆୟୋଜିତ ଫାଇନାଲ୍ ମ୍ୟାଚ୍‌ରେ ଭୁବନେଶ୍ୱର ରେନ୍‌ବୋ କ୍ଲବ୍‌କୁ ୨-୦ ସେଟ୍‌ରେ ହରାଇ ପୁରୀ କ୍ଲବ୍ ଚାମ୍ପିୟନ ଟ୍ରଫି ହାସଲ କରିଛି। ରେଫରି ଭାବେ ବିଦ୍ୟୁତ୍ ଭୂଷଣ ରଥ, ଶ୍ରୀକାନ୍ତ ନାୟକ, ସୁବୋଧ କୁମାର ଜେନା, ଦେବେନ୍ଦ୍ର ସେଠୀ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ପୁରୀ କ୍ଲବ୍‌ର ସିଦ୍ଧାନ୍ତ ପ୍ରଧାନ ମ୍ୟାନ୍ ଅଫ୍ ଦ ମ୍ୟାଚ୍, ଶ୍ରେଷ୍ଠ ସେଟର୍ ଭାବେ ରାଜ କିଶ୍ତୋ, ଶ୍ରେଷ୍ଠ ଆଟାକର ଭାବେ ଭୁବନେଶ୍ୱର ଟିମ୍‌ର ଶୁକଦେବ ବାରିକ, ଶ୍ରେଷ୍ଠ ଲିବେରୋ ଭାବେ ରଶ୍ମିରଞ୍ଜନ ପ୍ରଧାନ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ନିମାପଡ଼ା ପ୍ରେସ୍ କ୍ଲବ୍‌ର ସଭାପତି ଅକ୍ଷୟ କୁମାର ବେହେରାଙ୍କ ସମେତ ୮ ଜଣ ପୂର୍ବତନ ଭଲି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବରିଷ୍ଠ ଶିକ୍ଷାବିତ୍ ଜଗତ୍ ପ୍ରସାଦ ସାବୁତ, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ଧୀରେନ ବରାଳ, ଅଜୟ ତ୍ରିପାଠୀ, ସୁଦର୍ଶନ ପଟ୍ଟନାୟକ, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ ପ୍ରମୁଖ ଯୋଗଦେଇ ଚାମ୍ପିୟନ୍ ଦଳ ପୁରୀ କ୍ଲବ୍‌କୁ ୬ ହଜାର ଟଙ୍କା ଓ ଚାମ୍ପିୟନ୍ ଟ୍ରଫି ଏବଂ ରନର୍‌ଅପ୍ ଦଳ ରେନ୍‌ବୋ କ୍ଲବ୍‌କୁ ୪ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଆଥ୍‌ଲେଟିକ୍ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର ସମାରୋହର ସଂଯୋଜନା ଓ ପରିଚାଳନା କରିଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ୍ ଦଳର ଖେଳାଳିମାନେ।

## ୫୭ତମ ଜାତୀୟ ଖୋ ଖୋ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ପୁରୀ, ୩୧।୩(ଅଜିତ୍ କୁମାର ମହାନ୍ତି)

ତାଳବଣିଆ ସ୍ପୋର୍ଟ୍ସ ଗ୍ରାଉଣ୍ଡ ପରିସରରେ ସୋମବାର ଅପରାହ୍ନରେ ୫ଦିନିଆ ଜାତୀୟ ୫୭ ତମ ପୁରୁଷ ଓ ମହିଳା ଖୋ ଖୋ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଖୋ ଖୋ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କ୍ରୀଡ଼ାକୁ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଉଦ୍‌ଘାଟନ କରିବା ସହ ପ୍ରତ୍ୟେକ କ୍ରୀଡ଼ା ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଦେଇଥାଏ। ବିଭିନ୍ନ ରାଜ୍ୟରୁ ଆସିଥିବା ଏହି କ୍ରୀଡ଼ାବିତ୍‌ମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନକରି ଦେଶ ପାଇଁ ସମ୍ବଳ ହୋଇପାରିବେ। ପ୍ରତିଭାର ବିକାଶ ଦିଗରେ ଖୋ ଖୋ ଖେଳ ସହାୟକ ହୋଇପାରିବ ବୋଲି ସେ କହିଥିଲେ। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସରକାର କ୍ରୀଡ଼ାକୁ ଅଗ୍ରାଧିକାର ଦେଇଛନ୍ତି। କ୍ରୀଡ଼ାବିତ୍‌ମାନେ ନିଷ୍ଠା ଓ ଏକାଗ୍ରତାର ସହ ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ସୁଧାଂଶୁ ମିତ୍ତଲ ଏଥିରେ ଅଧ୍ୟକ୍ଷତା କରିବା ସହ ସୁନ୍ଦର ବ୍ୟବସ୍ଥା ପାଇଁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ।

ଖୋ ଖୋକୁ କମନ୍‌ୱେଲ୍‌ଥ, ଏସିଆନ୍ ଓ ଅଲିମ୍ପିକ୍ସରେ ସାମିଲ କରିବାର ପ୍ରୟାସ ଜାରି ରହିଛି। ସାଧାରଣ ସମ୍ପାଦକ ଏମ୍.ଏସ୍. ତ୍ୟାଗୀ ବହୁ କମ୍ ସମୟ ମଧ୍ୟରେ ଏହି ଜାତୀୟ କ୍ରୀଡ଼ାର ସଫଳ ଆୟୋଜନ ପାଇଁ ରାଜ୍ୟ ଆୟୋଜକଙ୍କୁ କୃତଜ୍ଞତା ଜଣାଇଥିଲେ। ଓଡ଼ିଶା ଖୋ ଖୋ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ସମସ୍ତଙ୍କୁ ସ୍ୱାଗତ ସହ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୁରୀ ଜିଲା ଆଥ୍‌ଲେଟିକ ଆସୋସିଏଶନର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଅନ୍ୟାନ୍ୟ ଅତିଥିମାନେ ଖୋ ଖୋ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟ ଅତିଥି କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ ରେଲ୍‌ୱେ, ପୋଷ୍ଟାଲ ଇତ୍ୟାଦିର ୮୦ଟି ଟିମ୍ ସାମିଲ ହୋଇଛନ୍ତି। ଏପ୍ରିଲ୍ ୪ରେ ଏହାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ ଜଣାଇଛନ୍ତି।




ଖୋ ଖୋ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ ।

